

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୬ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 16 September 2025

Vol.No. 36 ■ No.246 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଆଜିର ଦୁଇ ବଡ଼ 'ସୁପ୍ରିମ' ରାୟ

### ■ୱାକଫ ଆଇନ: ପ୍ରମୁଖ ପ୍ରାବଧାନ ଉପରେ ଲାଗିଲା ରୋକ
### ■ଏସଆଇଆରରେ ଅନିୟମିତତା ଦେଖାଦେଲେ ସମଗ୍ର ପ୍ରକ୍ରିୟାକୁ ବାତିଲ କରିଦିଆଯିବ



ନୂଆଦିଲ୍ଲୀ,୧୫/୯ : ସଂଶୋଧିତ ୱାକଫ୍ ଆଇନ- ୨୦୨୫ର କିଛି ଧାରା ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । କିନ୍ତୁ ସମ୍ପୂର୍ଣ୍ଣ ଆଇନ ଉପରେ ରୋକ୍ ଲଗାଯାଇନାହିଁ । ସଂସଦରେ ସଂଶୋଧିତ ୱାକଫ୍ ଆଇନ- ୨୦୨୫ ଗୃହୀତ ହେବା ପରେ ଏହା ବିରୋଧରେ ସୁପ୍ରିମକୋର୍ଟରେ ମାମଲା ରୁଜୁ ହୋଇଥିଲା । ପୂର୍ବରୁ ଶୁଣାଣି ଶେଷ ହୋଇଥିବା ବେଳେ ଆଜି ରାୟ ଆସିଛି । ସଂଶୋଧିତ ୱାକଫ୍ ଆଇନ -୨୦୨୫ ବିରୋଧରେ ରୁଜୁ ହୋଇଥିବା ମାମଲାରେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ସମ୍ପୂର୍ଣ୍ଣ ଆଇନ ଉପରେ ସ୍ଥଗତାଦେଶ ଜାରି କରାଯାନାହିଁ । ତେବେ ଚୂଡ଼ାନ୍ତ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଆଇନର କିଛି ବ୍ୟବସ୍ଥା ଉପରେ ରୋକ୍ ଲଗାଯାଇଛି । ସଂଶୋଧିତ ଆଇନ ଅନୁସାରେ, ୱାକଫ୍ ଗଠନ ପାଇଁ ୫ ବର୍ଷ ଧରି ଇସଲାମ ଧର୍ମ ପାଳନ କରିଥିବା ଆବଶ୍ୟକ । ୱାକଫ୍ ପାଇଁ ୫ ବର୍ଷ ଇସଲାମ ଧର୍ମ ଗ୍ରହଣ ସର୍ତ୍ତ ଉପରେ ରୋକ୍ ଲଗାଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗବାଇ ଏବଂ ବିଚାରପତି ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ । ଜଣେ ବ୍ୟକ୍ତି ଇସଲାମ ଧର୍ମର କି ନାହିଁ, ତାହା ସ୍ଥିର କରିବା ପାଇଁ ଆଇନ ପ୍ରଣୟନ ନହେବା ପର୍ଯ୍ୟନ୍ତ ଏସମ୍ପର୍କରେ କିଛି ନିଷ୍ପତ୍ତି ନିଆଯାଇପାରିବ ନାହିଁ । ସୁପ୍ରିମକୋର୍ଟ କହିଛନ୍ତି, ରାଜ୍ୟ ୱାକଫ୍ ବୋର୍ଡରେ ୩ ଜଣରୁ ଅଧିକ ଅଣମୁସଲମାନ ସଦସ୍ୟ ରହିବେ ନାହିଁ । ସଂଶୋଧିକ ୱାକଫ୍ ଆଇନ -୨୦୨୫ରେ ଥିବା ରାଜସ୍ୱ ରେକର୍ଡ ସମ୍ପର୍କିତ ଧାରା ଉପରେ ସ୍ଥଗିତାଦେଶ ଜାରି କରାଯାଇଛି । ୱାକଫ୍ ଜମି କି ସମ୍ପତ୍ତି ସମ୍ପର୍କିତ କୌଣସି ମାମଲାର ସମାଧାନ ଜିଲ୍ଲାପାଳ କରିପାରିବେ ନାହିଁ । ବିବାଦର ସମାଧାନ ଅଦାଲତରେ ହିଁ ହେବ । ୱାକଫ ବୋର୍ଡର ସିଇଓ ଜଣେ ମୁସଲମାନ ହିଁ ରହିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସଂଶୋଧିତ ୱାକଫ୍ ଆଇନ -୨୦୨୫ ଉପରେ ସ୍ଥଗିତାଦେଶ ଦେବାର ଆବଶ୍ୟକତା ନାହିଁ । କେବଳ ଆଇନର କିଛି ଧାରା ବା ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଦେଇଛନ୍ତି । ସଂସଦରେ ସଂଶୋଧିତ ୱାକଫ୍ ଆଇନ- ୨୦୨୫ ଗୃହୀତ ହେବା ପରେ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ୨୫ଟି ମାମଲା ରୁଜୁ ହୋଇଥିଲା । ଏସବୁ ଉପରେ ସୁପ୍ରିମକୋର୍ଟ ଲଗାତାର ତିନିଦିନ ଶୁଣାଣି କରି

▶▶ପୃଷ୍ଠା ୭

## ଆସନକୁ ନେଇ ବିହାର ମହାଗଠବନ୍ଧନରେ ଅଚଳାବସ୍ଥା

### ଏକାକୀ ସମସ୍ତ ୨୪୩ ଆସନରେ ଲଢ଼ିବାକୁ ପରୋକ୍ଷରେ ଆରଜେଡିର ଇସାରା



ନୂଆଦିଲ୍ଲୀ,୧୫/୯ : ବିହାର ବିଧାନସଭା ନିର୍ବାଚନ ପାଇଁ ମହାଗଠବନ୍ଧନ ଅନ୍ତର୍ଗତ ଦଳମାନଙ୍କ ମଧ୍ୟରେ ଆସନ ବୁଝାମଣାରେ ଅଚଳାବସ୍ଥା ଦେଖାଦେଇଛି । ମେଣ୍ଟ ଅନ୍ତର୍ଭୁକ୍ତ ସବୁଦଳ ଅଧିକ ଆସନ ଲଢ଼ିବାକୁ ଜିଦ ଯୋଗୁଁ ଆରଜେଡି ସବୁ ଆସନରେ ଲଢ଼ିବ ବୋଲି ଦଳର ନେତା ତେଜସ୍ୱୀ ଯାଦବ ଘୋଷଣା କରିଛନ୍ତି । ବିହାରର ସମସ୍ତ ୨୪୩ ବିଧାନସଭା ଆସନ ଲଢ଼ିବାକୁ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ଘୋଷଣା ପଛର କାରଣ କ'ଣ ହୋଇପାରେ ? ଆଗାମୀ ନଭେମ୍ବରରେ ନିର୍ବାଚନ ହେବ । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରା ସମାପ୍ତ ପରେ ଆସନ ବୁଝାମଣା ଘୋଷଣା କରିବାକୁ ତେଜସ୍ୱୀ ସବୁ ମେଣ୍ଟ ସାଥୀଙ୍କ ସହଯୋଗ ଲୋଡ଼ିଥିଲେ । ମାତ୍ର କଂଗ୍ରେସ ସମେତ ସିପିଆଇଏମ୍‌ଏଲ୍ ଦଳଗୁଡିକ ଅଧିକ ଆସନ ଲଢ଼ିବାକୁ ଜିଦରେ ଅଟଳ ଅଛନ୍ତି । ଏପରିସ୍ଥଳେ ସବୁ ଆସନ ଲଢ଼ିବାକୁ ତେଜସ୍ୱୀଙ୍କ ଘୋଷଣା ମେଣ୍ଟର ଅନ୍ୟ ସାଥୀଙ୍କ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ହୋଇଥାଇପାରେ । ୨୦୨୦ ବିଧାନସଭା ନିର୍ବାଚନରେ କଂଗ୍ରେସ ମେଣ୍ଟ ଆସନ ବୁଝାମଣାରେ ୭୦ଟି ଆସନ ଲଢ଼ି ମାତ୍ର ୯ଟିରେ ବିଜୟୀ ହୋଇଥିଲା ।

▶▶ପୃଷ୍ଠା ୭

## ମାଓ ଦମନ ଅଭିଯାନରେ ବିଲୁପ୍ତ ମୁହାଁ ଲାଲଗଡ଼: ଶୁଭିଲାଣି ଲାଲବାହିନୀର ତ୍ରାହି ତ୍ରାହି ଡାକ

ଭୁବନେଶ୍ୱର, ୧୫/୯ (ନି.ପ୍ର): ଜଙ୍ଗଲ ଭିତରୁ ବିକାଶ ବିରୋଧୀ ଯୁଦ୍ଧ ଚଳାଇଥିବା ଲାଲବାହିନୀର ଖେଳ ଖତମ୍ ! ଆଉ ବଞ୍ଚାଇବାକୁ କେହି ନାହିଁ...ବିଲୁପ୍ତ ମୁହାଁ ଲାଲଗଡ଼ ଭିତରୁ ଶୁଭିଲାଣି ମାଓବାଦୀଙ୍କ ତ୍ରାହି ତ୍ରାହି ଡାକ...ଜୀବନ ବିକଳରେ କିଏ ଆତ୍ମସମର୍ପଣ କଲେଣି ତ ଆଉ କିଏ ସୁରକ୍ଷାକର୍ମୀଙ୍କ ଗୁଳିରେ ସଫା ହୋଇଗଲେଣି । ନକ୍ସଲ ଦମନ ଅଭିଯାନରେ ୟେ ଆଉ ଏକ ସଫଳତା । ଝାଡ଼ଖଣ୍ଡ ହଜାରିବାଗ ଓ ପାଲାମୁ ଅଞ୍ଚଳରେ ସୁରକ୍ଷା ବାହିନୀଙ୍କ ଗୁଳିରେ ଟଳିଛନ୍ତି ଚାରି ଚାରି ଜଣ ଟପ୍ ମାଓବାଦୀ । ପାଲାମୁ ଜିଲ୍ଲା ମାନାଟୁ ଜଙ୍ଗଲରେ ପ୍ରାଣହରାଇଛି ମୋଷ୍ଟୱାଣ୍ଟେଡ୍ ମୁଖଦେବ ଯାଦବ ।

▶▶ପୃଷ୍ଠା ୭

## ନିବେଶ ସହ ନିଯୁକ୍ତିକୁ ରାଜ୍ୟ ସରକାରଙ୍କ ଗୁରୁତ୍ୱ



ଭୁବନେଶ୍ୱର, ୧୫/୯ (ନି.ପ୍ର): ନିବେଶ ଆଉ ନିଯୁକ୍ତିକୁ ନୂଆ ସରକାରଙ୍କ ଗୁରୁତ୍ୱ । ୧୫ ମାସରେ ଗ୍ରାଉଣ୍ଡିଙ୍ଗ ହେଲାଣି ୮୫ ପ୍ରକଳ୍ପ । ୧ ଲକ୍ଷ ୭ହଜାର ୯୨୬ ନିଯୁକ୍ତି ଦେଲେଣି ମୋହନ ସରକାର । ବିଜେଡି ସରକାରରେ ଗୋଟିଏ ଶିଳ୍ପକୁ ଗ୍ରାଉଣ୍ଡିଂ ପାଇଁ ଲାଗୁଥିଲା ୪୦୦ ଦିନ, ମୋହନ ସରକାରରେ ୧୬୫ ଦିନରେ ହେଉଛି ଭିତ୍ତିପ୍ରସ୍ତର ସ୍ଥାପନ । ଆଜି ଓୟୁଏଟି ପରିସରରେ ୨୭ଟି ନୂଆ ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟରେ ପଞ୍ଚମ ଥର ପାଇଁ ୧୨ଟି ଜିଲ୍ଲାରେ ୨୫ ହଜାର ୩୮୦ କୋଟି ଟଙ୍କାର ନିବେଶର ଗ୍ରାଉଣ୍ଡବ୍ରେକିଙ୍ଗ ହୋଇଛି । ଯାହାଦ୍ୱାରା ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଆଜି ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିହେଲା । ଏହା ସହ ଶିଳ୍ପପତିଙ୍କୁ ଆହ୍ୱାନ ଦେଇ କହିଛନ୍ତି, ପୂର୍ବରୁ ବ୍ୟୁରୋକ୍ରାଟିକ ଶାସନ ଥିଲା । ଯାହା ବ୍ୟବସ୍ଥାରେ ବିକାଶରେ ପହଂଚିବାକୁ ପ୍ରତିବନ୍ଧକ ସାଜୁଥିଲା । କିନ୍ତୁ ଏବେ ସେ ବ୍ୟବସ୍ଥା ନାହିଁ. ଆପଣ ମାନେ ଆମ ସରକାର ସହ ଗୋଟିଏ ପଦ ଆଗକୁ ଚାଲିଲେ ଆମ ସରକାର ଦୁଇ ପାଦ ଚାଲିବ । ଆଜି ଗଞ୍ଜାମ, ଝାରସୁଗୁଡ଼ା ଖୋର୍ଦ୍ଧା, କୋରାପୁଟ, ଅନୁଗୁଳ, ଭଦ୍ରକ, ସୁନ୍ଦରଗଡ଼, କଟକ, ପୁରୀ, ସମ୍ବଲପୁର, ଯାଜପୁର ଓ ରାୟଗଡ଼ା ଜିଲ୍ଲାରେ ୨୭ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଯେଉଁଥିରେ କେମିକାଲ, ଟେକ୍ସଟାଇଲ, ପ୍ଲାଷ୍ଟିକ, ସିମେଣ୍ଟ, ଫୁଡ୍ ପ୍ରୋସେସିଂ, ଫାର୍ମା ଭଳି କମ୍ପାନୀ ଅଛନ୍ତି ।ତେବେ ୨୭ ଟି ଶିଳ୍ପ ମଧ୍ୟରେ ଏସଆରଏଫ ଲିମିଟେଡ୍ କମ୍ପାନୀ ଗଞ୍ଜାମରେ ୧୦ ହଜାର କୋଟି

▶▶ପୃଷ୍ଠା ୭

## ମରିସସ ପ୍ରଧାନମନ୍ତ୍ରୀଙ୍କୁ ବିଦାୟ ଦେଲେ ଧାମି

ଡେରାଡୁନ୍, ୧୫/୯ (ନି.ପ୍ର): ମରିସସ ପ୍ରଧାନମନ୍ତ୍ରୀ ଡଃ. ନବୀନଚନ୍ଦ୍ର ରାମଗୁଲାମ ଉତରାଖଣ୍ଡରେ ତାଙ୍କର ଚାରି ଦିନିଆ ରହଣି ସମାପ୍ତ କରି ଆଜି ସ୍ୱଦେଶ ଫେରିଛନ୍ତି । ଉତରାଖଣ୍ଡ ଛାଡିବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ତାଙ୍କୁ ଜଲିଗ୍ରାଂଟ ବିମାନବନ୍ଦରରେ ଭେଟି ବିଦାୟ ଦେଇଥିଲେ । ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଧାମି ତାଙ୍କୁ ଚାରଧାମର ପବିତ୍ର ପ୍ରସାଦ ଏବଂ ରାଜ୍ୟର ଅମ୍ବ୍ରେଲା ବ୍ରାଣ୍ଡ 'ହାଉସ୍ ଅଫ୍ ହିମାଳୟାଜ'ର ଉତ୍ପାଦ ସ୍ମାରକୀ ଭାବରେ ପ୍ରଦାନ କରିଥିଲେ ।

## ସୁଭଦ୍ରା ଅଭିଯୋଗ ପୋର୍ଟାଲ ଆରମ୍ଭ

ଭୁବନେଶ୍ୱର, ୧୫/୯ (ନି.ପ୍ର): ଓଡ଼ିଶାରେ ସୁଭଦ୍ରା ଯୋଜନାର ଅଭିଯୋଗ ସମାଧାନ ମଡ୍ୟୁଲ୍ ଆରମ୍ଭ ହୋଇଛି । ଏହି ମଡ୍ୟୁଲ୍ ମାଧ୍ୟମରେ, ବିଭାଗର ଅଧିକାରୀମାନେ ସମସ୍ତ ଅଭିଯୋଗର ଉତ୍ତର ଦେବେ । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ପୂର୍ବରୁ ଲୋକମାନେ ପୋର୍ଟାଲରେ ଅଭିଯୋଗ କରୁଥିଲେ କିନ୍ତୁ କୌଣସି ଉତ୍ତର ପାଉ ନଥିଲେ । ଏବେ, ବିଭାଗୀୟ ଅଧିକାରୀ ସମସ୍ତ ଅଭିଯୋଗର ଉତ୍ତର ଦେବେ । ଲୋକଙ୍କ ଅଭିଯୋଗ ଯାଞ୍ଚ ପାଇଁ ବ୍ଲକ ଏବଂ ଜିଲ୍ଲା ସ୍ତରକୁ ପଠାଯିବ । ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ସ୍ଥିତି ବିଷୟରେ ସମସ୍ତ ସୂଚନା ପୋର୍ଟାଲରେ ଉପଲବ୍ଧ ହେବ । ସେମାନଙ୍କୁ ସୁଭଦ୍ରା ଯୋଜନାରୁ କାହିଁକି ବାଦ୍ ଦିଆଯାଇଥିଲା, ଏହାର କାରଣ କ'ଣ ଥିଲା ଏବଂ ଭବିଷ୍ୟତରେ ପୁଣି ଥରେ ସାମିଲ ହେବା ପାଇଁ ସେମାନେ କ'ଣ କରିପାରିବେ ସେ ବିଷୟରେ ସମସ୍ତ

▶▶ପୃଷ୍ଠା ୭

## ଅକ୍ଟୋବର ୧୫ ପରେ ଓଡ଼ିଶାକୁ ଝଡ଼ ଝଟକା

ଭୁବନେଶ୍ୱର, ୧୫/୯ (ନି.ପ୍ର): ଫେରିଯାଉଛି ମୌସୁମୀ... ଆସୁଛି ବାତ୍ୟା ! ଧିରେଧିରେ ମୌସୁମୀ ବିଦାୟ ନେବାର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପଶ୍ଚିମ ରାଜସ୍ଥାନରୁ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି । ମୌସୁମୀ ପରବର୍ତ୍ତୀ ସମୟ ବାତ୍ୟା ଋତୁକୁ ସକ୍ରିୟ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଥାଏ । ବିଶେଷ କରି ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ବଙ୍ଗୋପସାଗର ଅଞ୍ଚଳକୁ ପ୍ରବେଶର ଅବଶିଷ୍ଟ ଅଂଶ ଗୁଡିକ ମୁଖ୍ୟତ ଆଣ୍ଡାମାନ ସାଗର ଅଞ୍ଚଳ ପ୍ରବେଶ କରିଥାଏ । ମୌସୁମୀର ଲେଉଟାଣି ପରେ ଲା-ନିନାର ସକ୍ରିୟତା ପ୍ରଶାନ୍ତ ମହାସାଗରରେ ବୃଦ୍ଧି ପାଏ ଏବଂ ବାତ୍ୟା ସୃଷ୍ଟି ପାଇଁ ପାଗ ଅନୁକୂଳ ରୁହେ । ମୌସୁମୀ ଅପସାରଣ ପରେ ବାତ୍ୟା ସମ୍ଭାବନା ଆହୁରି ଅଧିକ ବଢିଯାଏ । ବାୟୁର ତଳ ଓ ଉପର ଭାଗର ବାୟୁ ପ୍ରବାହ ସମାନ ବେଗରେ ଗୋଟିଏ ଦିଗରେ ହେବା ସହ ତାରତମ୍ୟ କମିଯାଏ । ଯାହା ଫଳରେ ଗୋଟିଏ ଛୋଟିଆ ଲଘୁଚାପ ହେଲେ ବି ବଳ ଗୋଟେଇ ଶକ୍ତିଶାଳୀ ସାଜେ । ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ହୁଏ କାରଣ ଆକାଶରେ ବାଦଲର ଆଚ୍ଛାଦନ କମଥାଏ । ସେପଟେ ମୌସୁମୀର ଲେଉଟାଣି ପ୍ରକ୍ରିୟା ଚାଲିଥିବା ବେଳେ ଏହା ଅକ୍ଟୋବର ୧୫ ଯାଏଁ ଚାଲିବ ।

## ପୁରୀରେ ହବିଷ୍ୟ ପାଳନ ପାଇଁ ୧୯ରୁ ହେବ ପଞ୍ଜୀକରଣ

ଭୁବନେଶ୍ୱର, ୧୫/୯ (ନି.ପ୍ର): ଚଳିତ ବର୍ଷ ହବିଷ୍ୟାଳି ଯୋଜନା ରେ ପୁରୀ ରେ ରହି ହବିଷ୍ୟ ବ୍ରତ ପାଇଁ ବ୍ରତ ଧାରୀ ମାନଙ୍କ ପାଇଁ ଆରମ୍ଭ ହୋଇଛି ପଞ୍ଜିକରଣ ପକ୍ରିୟା । ଆସନ୍ତା ୧୯ତାରିଖ ପୂର୍ବାହ୍ନ ୧୦ ଠାରୁ ଧାର୍ଯ୍ୟ ଲକ୍ଷ ପୂରଣ ହେବା ପର୍ଯ୍ୟନ୍ତ ଅନଲାଇନରେ ନିଜର ନାଁ ପଞ୍ଜିକରଣ କରିବା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ପ୍ରାୟ ଅଢ଼େଇ ହଜାର ହବିଷ୍ୟାଳିଙ୍କ ପାଇଁ ଏଥର ହୋଇଛି ବ୍ୟବସ୍ଥା । ଏନେଇ ବିଜ୍ଞପ୍ତି ଜାରି ହୋଇଛି । ଅକ୍ଟୋବର ୭ରୁ ଆରମ୍ଭ ହେବ କାର୍ତ୍ତୀକ ବ୍ରତ । ଆଉ ଗତଥର ଭଳି ଚଳିତବର୍ଷ ମଧ ବୃନ୍ଦାବତୀ ଭବନ ସହ ଆଉ ତିନଟି କୋଠା ରେ ରହିବେ ହବିଷ୍ୟାଳି । ତେବେ ଏଥର ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନଲାଇନ ମାଧ୍ୟମରେ କରାଯିବ । କେଉଁଠି ରହିବେ ଓ ଆଇଡି କାର୍ଡ ଆଦିର ସମସ୍ତ ତଥ୍ୟ ଅନଲାଇନ ମାଧ୍ୟମରେ ହେବାକୁ ଯୋଜନା କରିଛନ୍ତି ପୁରୀ ଜିଲ୍ଲାପାଳ ।

## ବିଧାନସଭା ନିର୍ବାଚନ ପୂର୍ବରୁ ବିହାରକୁ ପ୍ରତିଶ୍ରୁତିର ବର୍ଷା: ରାଜ୍ୟକୁ କେନ୍ଦ୍ର ସରକାରଙ୍କ ୪୦ ହଜାର କୋଟି ଭେଟି



ନୂଆଦିଲ୍ଲୀ,୧୫/୯ : କଂଗ୍ରେସ ଏବଂ ଆରଜେଡି ଉପରେ ପୁଣି ବର୍ଷିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବିଡ଼ି ସହିତ ବିହାରକୁ ତୁଳନା କରୁଥିବାରୁ ମୋଦୀ କଡ଼ା ସମାଲୋଚନା କରିଛନ୍ତି । ବିହାରର ଉନ୍ନତିକୁ ଦୁଇଦଳ ହଜମ କରିପାରୁନାହାନ୍ତି ବୋଲି କହିବା ସହ ବିହାର, ଆସାମ ଓ ପଶ୍ଚିମବଙ୍ଗରେ ଅନୁପ୍ରବେଶକୁ ପ୍ରୋତ୍ସାହନ ଦେଉଥିବା ମୋଦୀ ଅଭିଯୋଗ କରିଥିଲେ । ପ୍ରଧାନମନ୍ତ୍ରୀ ଆଜି ବିହାରର ପୂର୍ଣ୍ଣିଆ ଗସ୍ତରେ ଯାଇ ଜନସଭାକୁ ସମ୍ବୋଧନ କରିଥିଲେ । ତିନି ସପ୍ତାହ ମଧ୍ୟରେ ଏହା ମୋଦୀଙ୍କ ଦ୍ୱିତୀୟ ବିହାର ଗସ୍ତ ଥିଲା । କଂଗ୍ରେସ ଏବଂ ଆରଜେଡିକୁ ମୋଦୀ ସମାଲୋଚନା କରିବା ସହିତ ଏନଡିଏ ସରକାରଙ୍କ ସଫଳତାର ହିସାବ ଦେଇଥିଲେ । ମୋଦୀ ବିଧାନସଭା ନିର୍ବାଚନ ପୂର୍ବରୁ ବିହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଡ଼ ଉପହାର ଦେଇଛନ୍ତି । ବିହାରରେ ୩୬ ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କରିଛନ୍ତି ମୋଦୀ । ପୂର୍ଣ୍ଣିଆ ବିମାନବନ୍ଦରକୁ ମୋଦୀ ଉଦଘାଟନ କରିଛନ୍ତି । କୋଲକାତା ପରେ ପୂର୍ଣ୍ଣିଆ ବିମାନବନ୍ଦର ପୂର୍ବ ଭାରତର ସବୁଠାରୁ ବଡ଼ ବିମାନବନ୍ଦର । ଏହା ସହିତ ବନ୍ଦେ ଭାରତ ଏକ୍ସପ୍ରେସ, ଅମୃତ ଭାରତ ଏକ୍ସପ୍ରେସ ଓ ଗୋଟିଏ ପାସେଞ୍ଜର ଟ୍ରେନ ଚଳାଚଳର ମୋଦୀ ଶୁଭାରମ୍ଭ କରିଛନ୍ତି । ଜାତୀୟ ମଖାନା ବୋର୍ଡ ମଧ୍ୟ ଉଦଘାଟିତ ହୋଇଛି । ଏହାପରେ ମୋଦୀ ଜନସଭାକୁ ସମ୍ବୋଧନ କରିଥିଲେ ।

## ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ପୁନରାରମ୍ଭ: ଆଜି ଦିଲ୍ଲୀରେ ପହଞ୍ଚିବେ ଆମେରିକୀୟ ବାଣିଜ୍ୟ ପ୍ରତିନିଧି



ନୂଆଦିଲ୍ଲୀ,୧୫/୯ : ଭାରତ-ଆମେରିକା ମଧ୍ୟରେ ନୂଆ ବାଣିଜ୍ୟ ଆଲୋଚନା କାଲିଠାରୁ ହେବାକୁ ଯାଉଛି । ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନେଇ ଉଚ୍ଚସ୍ତରୀୟ ଆଲୋଚନା ହେବ । ଦକ୍ଷିଣ ଓ ମଧ୍ୟ ଏସିଆ ପାଇଁ ଆମେରିକାର ସହାୟକ ବାଣିଜ୍ୟ ପ୍ରତିନିଧି ବ୍ରେଣ୍ଡାନ ଲିଞ୍ଚ ଆଜି ଭାରତରେ ପହଞ୍ଚିବେ । ସେ ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଆଲୋଚନା ହେବ । ଏହି ବୈଠକ ଦୁଇ ଦେଶର ବାଣିଜ୍ୟ ନୀତି ଓ ଅର୍ଥନୈତିକ ସହଯୋଗ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି । କିଛି ମାସ ଧରି ଭାରତ ଏବଂ ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚନା କରୁଛନ୍ତି । ଟ୍ରମ୍ପଙ୍କ ୫୦ ପ୍ରତିଶତ ଶୁଳ୍କ ଲାଗୁ ପରେ ଭାରତ ସହ ଆଲୋଚନାରେ ଟାରିଫ୍ କେତେ କମୁଛି, ତାହା ସମୟ କହିବ ।

## ଅସହାୟ ବୃଦ୍ଧ ଉଦ୍ଧାର

ପୁରୀ, ୧୫/୦୯ (ନି.ପ୍ର): ସିଦ୍ଧମହାବୀର ଅଂଚଳରେ ଜଣେ ୧୦୧ ବର୍ଷର ବୃଦ୍ଧ ଅସହାୟ ଅବସ୍ଥାରେ ରବିବାର ମଧାହ୍ନରେ ପଡି ରହିଥିଲେ । ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦି ବେଲ ଏହି ଖବର ଜାଣିବା ପରେ ଏହାର ଅଧକ୍ଷ ସିଦ୍ଧାର୍ଥ ରାୟଙ୍କ ନିର୍ଦ୍ଦେଶ କ୍ରମେ ସ୍ୱେଚ୍ଛାସେବୀ ମାନେ ଘଟଣାସ୍ଥଳରେ ପହଂଚି ଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ଇ-ଅଟୋରେ ସର୍ବୋଦୟ ନଗର ସ୍ଥିତ ଆଶ୍ରୟ ବୃଦ୍ଧାଶ୍ରମରେ ରଖିଥିଲେ । ତାଙ୍କ ନାମ ନବଘନ ମଲ୍ଲିକ ଜାଉଁଳି ପୋଖରୀ ବୋଲି ବୃଦ୍ଧ ଜଣକ କହିଛନ୍ତି । ସେହିପରି ଗୁରୁବାର ଦିନ ଜଣେ ଭିନ୍ନକ୍ଷମଙ୍କୁ ଏହି ଅନୁଷ୍ଠାନ ଚର୍ଚ୍ଚ ବିଶ୍ୱମ୍ଭର ଗଳିରୁ ଉଦ୍ଧାର କରି ପୁରୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମେନ୍ତ ଭର୍ତି କରିଥିଲେ । ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଅସହାୟ ବୃଦ୍ଧ ବୃଦ୍ଧାଙ୍କୁ ପୁରୀର କୌଣସି ସ୍ଥାନରେ ଅସହାୟ ଅବସ୍ଥାରେ ପଡିରହିଥବା ଦେଖିଲେ ଅନୁଷ୍ଠାନକୁ ସୂଚନା ଦେବା ପାଇଁ ଅନୁଷ୍ଠାନର ଅଧକ୍ଷ ସହରବାସୀଙ୍କୁ ଅନୁରୋଧ କରିଛନ୍ତି । ଦି ବେଲ ର ଏତାଦୃଶ କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରିଛନ୍ତି ।

## ଛତୁ ତରକାରୀ ଖାଇ ଗୋଟିଏ ପରିବାରର ୯ ଅସୁସ୍ଥ

ବଲାଙ୍ଗିର, ୧୫/୦୯ (ନି.ପ୍ର): ବଲାଙ୍ଗିର ଜିଲା ସଦର ବ୍ଲକ ଖୁଜେନପାଲି ଗ୍ରାମର କଳାକାରପଡ଼ାର ୯ ଜଣ ଛତୁ ଖାଇ ଅସୁସ୍ଥ ହେବା ପରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତି ହୋଇଛନ୍ତି । ଶନିବାର ରଘୁ ତାଣ୍ଡି ଫାସଡ଼ରୁ ଖୁଜେନପାଲି ଗ୍ରାମକୁ ଆସୁଥିବା ବେଳେ ରାସ୍ତାକଡ଼ରେ ଛତୁ ଫୁଟିଥିବା ଦେଖିବାକୁ ପାଇଥିଲେ । ସେଇ ଛତୁ ତୋଳି ଘରକୁ ନେଇଥିଲେ । ଦିନ ବେଳା ରନ୍ଧା ସରିଲା ପରେ ପରିବାର ଲୋକେ ମନ ଖୁସିରେ ଏକାଠି ମିଶି ଛତୁ ତରକାରୀ ଖାଇଥିଲେ । ହେଲେ ଦୁଇ ଘଂଟା ପରେ ପରିବାରର ସମସ୍ତଙ୍କର ବାନ୍ତି ହୋଇଥିଲା । ସେମାନେ ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ । ଛତୁ ଖାଇ ପରିବାର ଲୋକେ ଅସୁସ୍ଥ ହୋଇଥିବା ଗ୍ରାମବାସୀ ଜାଣିବା ପରେ ସେଇ ପରିବାରର ୯ ଜଣ ସଦସ୍ୟଙ୍କୁ ହସ୍ପିଟାଲକୁ ନେଇଥିଲେ । ସେମାନଙ୍କ ମଧ୍ୟରୁ ୪ ଜଣ ପୁରୁଷ, ଜଣେ ନାବାଳିକା ଓ ୪ ଜଣେ ମହିଳା ରହିଛନ୍ତି । ରଘୁମଣି ତାଣ୍ଡି (୩୫), ବଶିଷ୍ଠ ତାଣ୍ଡି, (୨୩) ଗଣେଶ ସୁନା (୫୫)କୃଷ୍ଣା ତାଣ୍ଡି (୬୦), ଲିଜା ସୁନା (୧୫), ମହରଗି ତାଣ୍ଡି (୪୦), କିୟା ସୁନା( ୬୦), ସୁକାନ୍ତି ତାଣ୍ଡି (୩୫), ସୁକାନ୍ତି ଛତ୍ରିଆ (୬୦)ଙ୍କୁ ଭୀମଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତି ହୋଇଥିଲେ । ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଜଣାପଡ଼ିଛି ।

## ସମ୍ବଲପୁରରେ "ସ୍ୱଚ୍ଛତା ହିଁ ସେବା- ୨୦୨୫" କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୧୫/୦୯ (ନି.ପ୍ର): ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଏବଂ ଆଗାମୀ ପାର୍ବଣ ଋତୁରେ ସ୍ୱଚ୍ଛତାକୁ ଅଧିକ ଦୃଷ୍ଟି ଦେବା । ପର୍ବପର୍ବାଣୀ ଭଳି ଆନନ୍ଦ ଓ ଉତ୍ସାହର ସହ ସ୍ୱଚ୍ଛତା ପର୍ବ ପାଳିବା ସହ ଆମ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବାର ସଂକଳ୍ପ ନେବାକୁ ସମ୍ବଲପୁରବାସୀଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ରବିବାର ସମ୍ବଲପୁର କ୍ଷେତରାଜପୁରରେ 'ସମ୍ବଲପୁର ମହାନଗର ନିଗମ' ପକ୍ଷରୁ ଆୟୋଜିତ "ସ୍ୱଚ୍ଛତା ହିଁ ସେବା-୨୦୨୫" କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସ୍ଥାନୀୟ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରିଥିଲେ ଶ୍ରୀ ପ୍ରଧାନ । ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁର ଗଢ଼ିବାର ଉଦ୍ୟମକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ 'ସେବା ପକ୍ଷ' ପାଳନର ପ୍ରସ୍ତୁତି ପୂର୍ବରୁ ଆଜି ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ସ୍ୱଚ୍ଛ ସର୍ବେକ୍ଷଣରେ ସମ୍ବଲପୁର ପୂର୍ବବର୍ଷ ଅପେକ୍ଷା ଅପେକ୍ଷା କୃତ ଭଲ ପ୍ରଦର୍ଶନ କରିଛି । କେବଳ ଦାୟିତ୍ୱରେ ଥିବା ଲୋକମାନେ ସ୍ୱଚ୍ଛତା ରଖିଲେ ହେବ ନାହିଁ ବରଂ ସମ୍ବଲପୁର ଲୋକଙ୍କୁ ସ୍ୱଚ୍ଛତାରେ ସଂସ୍କାର ଆଣିବାକୁ ପଡ଼ିବ । ସବୁ ପର୍ବପର୍ବଣୀକୁ ଯେପରି ଭାବରେ ଆମେ ଆନନ୍ଦ ଉଲ୍ଲାସରେ ପାଳନ କରୁଛନ୍ତି ସେଇ ଭଳି ଭାବେ ଆମକୁ ସହରକୁ ସ୍ୱଚ୍ଛ କରିବାକୁ ପଡ଼ିବ । ସମାଜକୁ ସ୍ୱଚ୍ଛ ଓ ସୁନ୍ଦର ରଖିଲେ ହିଁ ସମାଜ ସୁସ୍ଥ ହେବ । ସମ୍ବଲପୁରରେ ସ୍ୱଚ୍ଛତା ଦାୟିତ୍ୱରେ ଥିବା କର୍ମଚାରୀ ଭାଇ ଭଉଣୀମାନେ, ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟିକ ସଂଗଠନକୁ ସାଧୁବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ସହ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହ୍ୱାନ କରିଛନ୍ତି । ଏହି ଅବସରରେ ସମ୍ବଲପୁରକୁ ଆବର୍ଜନା ମୁକ୍ତ କରିବା ସହ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ । ସ୍ୱଚ୍ଛ ସମ୍ବଲପୁର ପାଇଁ ଏକ ଦସ୍ତଖତ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ

ଭୁବନ, ୧୫/୦୯ (ନି.ପ୍ର): ଭୁବନ ଭିତରଦିଗ ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ତରଫରୁ ' ଆସ ସ୍କୁଲ ଯିବା ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଷ୍ଣୁ ବିଳାସ ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରି ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସହିତ ଅଧାରୁ ପାଠ ଛାଡିଥିବା, ଆଦୌ ସ୍କୁଲ ଆସିନଥିବା ଓ ସ୍କୁଲ ବାହାରେ ବୁଲୁଥିବା ପିଲାଙ୍କୁ ଶିକ୍ଷା କ୍ଷେତ୍ରର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ପ୍ରୟାସ ଜାରି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଶଙ୍କର ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅସିତ୍ ଦାସ, ଶିକ୍ଷୟିତ୍ରୀ କବିତା ପୃଷ୍ଟି, ମାମିନା ବେହେରା, ରୋଷନୀ ପ୍ରଧାନଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପୋଥାଳ, କାଉନସିଲର ସୁଶାନ୍ତ ନାୟକ, ସଦସ୍ୟ ଅନାମ ସାହୁ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସଂପୃକ୍ତ ୱାର୍ଡ ର ବିଭିନ୍ନ ସାହିରେ ପଦଯାତ୍ରା କରିଥିଲେ ।

## ବୁଢ଼ାନଦୀ କୂଳରୁ ବୃଦ୍ଧ ବ୍ୟକ୍ତିର ମୃତ ଦେହ ଉଦ୍ଧାର

କୋରେଇ, ୧୫/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନ୍ଦପୁର ପଂଚାୟର ବୁଢାନଦୀର ରୁଢିଆ ନିକଟରୁ ଆଜି ଅପରାହ୍ନରେ ଏକ ଅଜଣା ବ୍ୟକ୍ତିର ଶବ ଉଦ୍ଧାର କରାଯାଇଛି । ବୈତରଣୀ ନଦୀର ଶାଖାନଦୀ ବୁଢାନଦୀ କୂଳ ଅମରି ବୁଦା ନିକଟରେ ଏକ ଶବ ଭାସୁଥିବା ଦେଖି ପାଣିକୋଇଲି ଥାନାକୁ ଖବର ଦିଆଯାଇଥିଲା । ଥାନା ସବଇନ୍ସପେକ୍ଟର ସୁମିତ କୁମାର କୁଜୁର, ହାବିଲଦାର ସୁଲୋଚନ ବେହେରା ସଦଳବଳେ ନଦୀକୂଳରେ ପହଂଚିଥିଲେ । ଉକ୍ତ ଶବଟି କେଉଁଆଡୁ ଭାସି ଆସିଥିବା ଅନୁମାନ କରାଯାଉଥିଲା । ଶବଟି ଫୁଲି ଚମଡା ଛାଡିଯାଇଥିବା ବେଳେ ଶରୀରଟି ସମ୍ପୂର୍ଣ୍ଣ କଳା ପଡିଯାଇଥିବା ଦେଖିବାକୁ ମିଳିଥିଲା । ନଦୀ ବଢିରେ ଏହା ଭାସି ଆସିଥିବା କୁହାଯାଉଥିଲା । ପୁଲିସ ଘଟଣାସ୍ଥଳେ ପହଂଚି ଶବ ଉଦ୍ଧାର କରିବା ପରେ ଏହା ମାଳଆନ୍ଦପୁର ପଂଚାୟତ ବ୍ରଜନଗର ଗ୍ରାମର ନାଗା ମଲିକଙ୍କ ମୃତ ଦେହ ବୋଲି ପରିବାର ଲୋକ ପହଂଚି ଚିହ୍ନଟ କରିଥିଲେ । ତିନି ଦିନ ହେବ ଛତିଆ ଯିବ କହି ନାଗା ଘରୁ ବାହାରିଥିଲା । ତେଣୁ ତାକୁ ଆଉ କେହି ଖୋଜିନଥିଲେ । ହେଲେ ତାଜି ତାର ମୃତ ଦେହ ମିଳିବା ପରେ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି ।

## ପାନପୋଷ ବିଜୁ ପଟ୍ଟନାୟକ ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରାଜ୍ୟସ୍ତରୀୟ ଜୁନିଅର ରେଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ସମ୍ବଲପୁର, ୧୫/୦୯ (ନି.ପ୍ର): ଓଡିଶା ବ୍ୟାଡ଼ମିଂଟନ ସଂଘ ( ଓଏସବିଏ ) ଆନୁକୂଲ୍ୟରେ ତଥା ରାଉରକେଲା ବ୍ୟାଡ଼ମିଣ୍ଟନ ସଂଘର ସହଯୋଗରେ ପାନପୋଷ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେଉଥିବା ୩ ଦିନିଆ ୧୯ ବର୍ଷ ବୟସ ରୁ କମ ରାଜ୍ୟସ୍ତରୀୟ ଜୁନିଅର ରେଙ୍କିଙ୍ଗ ବ୍ୟାଡ଼ମୀଣ୍ଟନ ଟୁର୍ନାମେଂଟ ଆଜି ଉଦଯାପିତ ହୋଇଯାଇଛି । ବରିଷ୍ଠ ବ୍ୟାଡ଼ମିଂଟନ ଅଫିସିଆଲ ଅସିତ ପଟ୍ଟନାୟକ ଙ୍କର ସଂଯୋଜନାରେ ଆୟୋଜିତ ଏହି ଉଦଯାପନୀ ଉତ୍ସବରେ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରାବଣୀ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବରେ ଗ୍ରୀନ ବେୟ ବାଇଓଟେକ ଇଂଟରନେସନଲ ର ନିର୍ଦ୍ଦେଶକ ଆଲୋକ ଅଗ୍ରୱାଲ, ଚନ୍ଦ୍ରା ଇଞ୍ଜିନିଅରଙ୍ଗ ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଟୁର୍ନାମେଂଟ ର ଚିଫ ରେଫରୀ ବିଜୟ କୁମାର ବାଗ, ଟୁର୍ନାମେଂଟ ଅବଜର୍ଭର ମନୋରଞ୍ଜନ ପଣ୍ଡା, ଟୁର୍ନାମେଂଟ ଡାଇରେକ୍ଟର ସୁଦୀପ୍ତ ବିଷୋୟୀ, ଶୁଭମ ନାଏକ, କାର୍ଯ୍ୟକାରୀ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ଜୟ ପ୍ରକାଶ ସିଂ, ସୁନ୍ଦରଗଡ଼ ବ୍ୟାଡ଼ମିଂଟନ ସଂଘ ର ଯୁଗ୍ମ ସମ୍ପାଦକ ପ୍ରଦୀପ୍ତ ଭୋଇ, ଓଏସବିଏ ର ଟେକ୍ନିକାଲ ଅବଜାର୍ଭର ଲକ୍ଷପତି ନନ୍ଦ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଆଜି ବିଭିନ୍ନ ବର୍ଗ ରେ ଫାଇନାଲ ଖେଳ ଗୁଡିକ ଖେଳାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ରାଉରକେଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଏକ ଯୁବ ପିଢ଼ି ମାନେ ବ୍ୟାଡ଼ମିଂଟନ ଖେଳ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଏକ ଶୁଭ ସୂଚନା ବୋଲି ତାଙ୍କର ବକ୍ତବ୍ୟରେ କହିଥିଲେ । ବାଳକ ଓ ବାଳିକା ବର୍ଗରେ ରାଜ୍ୟରୁ ପ୍ରାୟ ୮୦ ଜଣ ଖେଳାଳି ଏହି ରେଙ୍କିଙ୍ଗ ଟୁର୍ନାମେଂଟରେ ଭାଗ ନେଇଛନ୍ତି । ଟୁର୍ନାମେଂଟରେ ସିଙ୍ଗିଲ୍ସ, ଡବଲସ, ମିକ୍ସ ଡବଲସ ବର୍ଗରେ ମ୍ୟାଚ ଗୁଡିକ ଅନୁଷ୍ଠିତ ହୋଇଥିଲା । ବାଳକ ବିଭାଗର ସିଙ୍ଗିଲ୍ସ ବିଭାଗରେ ବାଲେଶ୍ୱରର ମୟଙ୍କ ଭରଦ୍ୱାଜ ବିଜୟୀ ହୋଇଥିବା ବେଳେ ଖୋର୍ଦ୍ଧାର ସୌମ୍ୟଜିତ ସାହୁ ଉପବିଜେତା ହୋଇଥିଲେ ।

## ବାଲି ବୋଝେଇ ଟ୍ରାକ୍ଟର ଜବତ : ଚାଳକ ଗିରଫ

ବାରିପଦା, ୧୫/୦୯ (ନି.ପ୍ର): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବାରିପଦା ସହରରେ ଥିବା ଭଞ୍ଜପୁର ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି । ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଜାମବଣି ଗ୍ରାମର ଗମ୍ଭୁ ସିଂ(୩୨) । ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି । ଯାହାକୁ ନେଇ ଖବର ପାଇ ପୁଲିସ ପକ୍ଷରୁ ତକତପୁର ଅଂଚଳରେ ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା । ମାଲିକଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି । ଏନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ହିନ୍ଦୀ ଦିବସ ପାଳନ ଉପଲକ୍ଷେ ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ରାଜଭାଷା ଶପଥ ଗ୍ରହଣ ସମାରୋହ ଆୟୋଜିତ



ରାଉରକେଲା, ୧୫/୦୯ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରେ ହିନ୍ଦୀ ଦିବସ ପାଳନ ଉପଲକ୍ଷେ ରାଜଭାଷା ଶପଥ ଗ୍ରହଣ ସମାରୋହ ଆୟୋଜନ କରାଯାଇଥିଲା । ଏହି ଅବସରରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ବୋକାରୋ ଇସ୍ପାତ କାରଖାନାର ଏବଂ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏହି ଶପଥ ଗ୍ରହଣ କରିଥିଲେ । ଅନୁରୂପ ଭାବେ ବିଭିନ୍ନ ବିଭାଗ ଏବଂ ୟୁନିଟରେ ଅନୁଷ୍ଠିତ ସମାରୋହରେ, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣୀ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଡକ୍ଟର ଜେ କେ ଆଚାର୍ଯ୍ୟଙ୍କ ସହିତ ବିଭିନ୍ନ ବିଭାଗର ସିଜିଏମ , ବିଭାଗୀୟ ମୁଖ୍ୟ , ବିଭାଗୀୟ ହିନ୍ଦୀ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ରାଜଭାଷା ଶପଥ ଗ୍ରହଣ କରିଥିଲେ ।

ଜାତୀୟ ଏକତାକୁ ସୁଦୃଢ଼ କରିବା ତଥା ଦେଶପ୍ରେମ ଭାବନାକୁ ପ୍ରଜ୍ୱଳିତ କରିବା ସହିତ ରାଜଭାଷା ମାଧ୍ୟମରେ ସମ୍ବିଧାନ ନିର୍ମାତାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଏହି ଶପଥପାଠ କରାଯାଇଥିଲା । ଏହି ଶପଥ ପାଠରେ ସରକାରୀ କାର୍ଯ୍ୟରେ ସରକାରୀ ଭାଷାର ପ୍ରଗତି ପାଇଁ ଉତ୍ସର୍ଗୀକୃତ ପ୍ରୟାସ କରିବା ଏବଂ ଏହି କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା ।

## ସମ୍ବଲପୁରରେ ଆରମ୍ଭ ହେଲା "ଆସ ସ୍କୁଲ ଯିବା" କାର୍ଯ୍ୟକ୍ରମ

ସମ୍ବଲପୁର, ୧୫/୦୯ (ନି.ପ୍ର): ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ତଥା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମ୍ବଲପୁରରେ ରାଜ୍ୟବ୍ୟାପୀ ଅଭିଯାନ ଆୟୋଜିତ "ଆସ ସ୍କୁଲ ଯିବା" ସଚେତନତା ପଦଯାତ୍ରାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ ହେଉଛି - ଦେଶର ପ୍ରତ୍ୟେକ ପିଲାଙ୍କୁ ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା । ଡ୍ରପ୍ ଆଉଟ ହ୍ରାସ କରିବା ସହ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି, ବିଦ୍ୟାଳୟ ଭିତିଭୂମିର ବିକାଶ, ସାକ୍ଷରତା ହାର ବୃଦ୍ଧି କରିବା ଦିଗରେ ମଧ୍ୟ ଆମ ସରକାର ଯତ୍ନଶୀଳ । ଶିକ୍ଷା ମନ୍ତ୍ରଣାଳୟର ଉଲ୍ଲାସ -ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ-୨୦୨୫ ଅଧୀନରେ ୧୫ ବର୍ଷ ବୟସରୁ ଅଧିକ ନିରକ୍ଷର ଥିବା ଲୋକଙ୍କୁ ସାକ୍ଷର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । ସେହିପରି ସମ୍ବଲପୁରରେ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନ୍ୟ ଜିଲ୍ଲା ଅପେକ୍ଷା ବହୁତ ଭଲ ଅଛି । ବର୍ତମାନ ସମୟରେ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୩୦୦୦ ପିଲା ବିଭିନ୍ନ ଶ୍ରେଣୀ ଅନୁସାରେ ସ୍କୁଲ ବାହାରେ ଅଛନ୍ତି । ସେମାନଙ୍କୁ ସ୍କୁଲ ଶିକ୍ଷା ଓ ଦକ୍ଷତା ସହ ଯୋଡିବା ପାଇଁ ଆସ ସ୍କୁଲ ଯିବା ପରି ଅଭିଯାନ ରାଜ୍ୟ ସରକାରଙ୍କ ପ୍ରଶଂସନୀୟ ପଦକ୍ଷେପ । ସମସ୍ତଙ୍କୁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ରେ ଯୋଡ଼ିବା ଆମ ସରକାରଙ୍କ ମୂଳ ଉଦ୍ଦେଶ୍ୟ । ଏହା କେବଳ ଭାଷଣବାଜି କିମ୍ବା ଖବରର ବିଷୟ ନୁହେଁ, ବରଂ ଏଥିପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ପ୍ରବୃଦ୍ଧ ବର୍ଗମାନେ ନିଜର ଦାୟିତ୍ୱ ନିର୍ବାହ କରିବା ଦରକାର ।

## ସନ୍ତରାଗଡିଆରେ ମାତୃ କର୍ମଶାଳା



ନୀଳଗିରି, ୧୫/୦୯ (ନି.ପ୍ର): ଔପଦା ବ୍ଲକର ଶ୍ୟାମସୁନ୍ଦରପୁର ଅନ୍ତର୍ଗତ ଶିଶୁବିକାଶ ବିଦ୍ୟା ମନ୍ଦିର, ସନ୍ତରାଗଡିଆର ମାତୃକର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଉକ୍ତ କର୍ମଶାଳାରେ ମାତୃଭାଷା ଓଡିଆ, ଗଣିତ ଓ ଇଂରାଜୀ ଭାଷାଜ୍ଞାନ ଉପରେ ଉପସ୍ଥିତ ମା ମାନଙ୍କୁ ଶିକ୍ଷାଦାନ କରାଯାଇଥିଲା । ଏହା ପରେ ମାଆ ମାନଙ୍କର ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା ଓ ଶିଶୁ ବିକାଶ ବିଦ୍ୟା ମନ୍ଦିର ର ଶିକ୍ଷାଦାନ ସମ୍ପର୍କରେ ମାଆ ମାନେ ଖୋଲା ଆଲୋଚନାରେ ଅଂଶଗ୍ରହଣ କରି ଶିଶୁ ମାନଙ୍କ ର ଶିକ୍ଷା ଓ ସଂସ୍କାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ସଭାକାର୍ଯ୍ୟ ରେ ଔପଦା ବ୍ଲକ ର ୨ ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ସଭ୍ୟା ମାତୃ କର୍ମଶାଳା ରେ ମୁଖ ଅତିଥି ଭାବରେ ଯୋଗଦେଇ ମାଆ ମାନଙ୍କର ମାର୍ଗ ଦର୍ଶନ କରିଥିଲେ । ଶିଶୁ ବିକାଶ ର ସମ୍ପାଦକ ଅଜିତ୍ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ସହ ପ୍ରଧାନ ଆଚାର୍ଯ୍ୟ କାର୍ତ୍ତିକେଶ୍ୱର ବାରିକ୍ ଅଧ୍ୟକ୍ଷତା କରିଥିବାବେଳେ ଗୁରୁମା ନିର୍ମଳା ଜେନା ମଞ୍ଚ ପରିଚାଳନା, ଅତିଥି ପରିଚୟ ପଦ୍ମିନୀ ରାଉଳ ଓ ବନୀତାରାଣୀ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ମାତୃ କର୍ମଶାଳା ରେ ହୋଇଥିବା ସାଧାରଣ ଜ୍ଞାନ ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ପ୍ରଥମ, ଦିତୀୟ ଓ ତୃତୀୟ ହୋଇଥିବା ମାଆ ମାନଙ୍କୁ ପୁରସ୍କୃତ କରିଥିଲେ । ମାତୃ କର୍ମଶାଳା ରେ ଗୁରୁଜୀ ପ୍ରିୟରଞ୍ଜନ ବେହେରା ଇଂରାଜୀ, ଗୁରୁମା ନିର୍ମଳା ଜେନା ସାହିତ୍ୟ ଓ ମଧୁସ୍ମିତା ବାରିକ ଗଣିତ ବିଷୟ ରେ ଶିକ୍ଷା ଦାନ କରିଥିଲେ । ଗୁରୁମା ସାଇପ୍ରଭା ପାଣିଗ୍ରାହୀ ଓ ଶିଶୁ ସେବିକା ସୁଲୋଚନା ମହାନ୍ତି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମେଣ୍ଡାକୁ ବ୍ଲକ ଦାବି ଜୋର ଧରୁଛି କେନ୍ଦ୍ରମନ୍ତ୍ରୀ ଓ ପଂଚାୟତିରାଜ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ପ୍ରତିନିଧିମଣ୍ଡଳୀ

ସୁବର୍ଣ୍ଣପୁର, ୧୫/୦୯ (ନି.ପ୍ର): ଅବିଭକ୍ତ ବଲାଙ୍ଗୀର ଜିଲ୍ଲାର ସର୍ବପୁରାତନ ଓ ସର୍ବବୃହତ ମେଣ୍ଡା ଗ୍ରାମକୁ ଏକ ବ୍ଲକ କରିବା ଦାବି ନେଇ ମେଣ୍ଡା ଗ୍ରାମବାସୀ ଓ ଆଖପାଖରେ ଥିବା ପଂଚାୟତର ଏକ ପ୍ରତିନିଧି ମଣ୍ଡଳୀ ରବିବାର କେନ୍ଦ୍ର ଶିକ୍ଷମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ସମ୍ବଲପୁର ସ୍ଥିତ ବାସଭବନ ଓ ଓଡ଼ିଶାର ପଂଚାୟତି ରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକଙ୍କୁ ସମ୍ବଲପୁର ସର୍କଟ ହାଉସରେ ଭେଟିବା ଶହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମେଣ୍ଡା ଗ୍ରାମବାସୀଙ୍କ ଦାବୀ ଯେ, ମେଣ୍ଡାକୁ ଏକ ବ୍ଲକ କଲେ ଆଖପାଖରେ ଥିବା ଅଂଚଳର ବହୁ ପଂଚାୟତ ଯଥା- ମେଣ୍ଡା, ଦେଉଳପଦର, ରାଣୀସଡା , ପୁଆ, ପାଇକବାହାଲ, ଜରା ଜାରିଙ୍ଗ, ଶିବତୁଳା, ନାରାୟଣପୁର, ଛକୋରମାଳ ଗ୍ରାମପଂଚାୟତର ଜନସାଧାରଣ ଉପକୃତ ହୋଇପାରିବେ । ତା' ସହ ମେଣ୍ଡା ଅଂଚଳ ସାମଗ୍ରିକ ଭାବରେ ମଧ୍ୟ ଉପକୃତ ହେବା ସହ ଉନ୍ନତି ହୋଇପାରିବ ବୋଲି ପ୍ରତିନିଧି ମଣ୍ଡଳୀ ସୂଚନା ଦେଇଛନ୍ତି । ରାଜା ରାଜୁଡା ଅମଳରୁ ମେଣ୍ଡା ଏକ ଗଡଜାତ, ଉନ୍ନତ ସଂସ୍କୃତି ସମ୍ପନ୍ନ ତଥା ଐତିହାସିକ ସ୍ଥାନ ରୂପେ ପରିଚିତି ରହିଛି । ମେଣ୍ଡାଗାଁଟି ବ୍ଲକ ହେବାପାଇଁ ସମସ୍ତ ପ୍ରକାର ଯୋଗ୍ୟତା ଥିବା ଶହ ମେଣ୍ଡା ଅଂଚଳର ଅନେକ ଗାଁ ଜିଲ୍ଲାର ଉପାନ୍ତ ଅଂଚଳରେ ଥିବାରୁ ଠିକ୍ ହିସାବରେ ଉନ୍ନତି ହୋଇପାରିନଥିବା ସହ ଉପେକ୍ଷିତ ହୋଇଛି ପଡ଼ିରହିଛି । ମେଣ୍ଡା ଯଦି ବ୍ଲକରେ ପରିଣତ ହୁଏ ତାହେଲେ ସାରା ଅଂଚଳର ଉନ୍ନତି ହୋଇପାରିବ ବୋଲି ପ୍ରତିନଧି ମଣ୍ଡଳୀ ମତ ପ୍ରକାଶ କରିଛନ୍ତି । ଆଜିର ଏହି ପ୍ରତିନିଧି ମଣ୍ଡଳୀରେ ଭିକାରି ମେହେର, ମୁକୁନ୍ଦ ସାହୁ, ସାମ୍ବାଦିକ ନରୋତମ ମଲ୍ଲିକ, ବିଭୁତି ଝାଙ୍କର, ଗୋପାଳ କର୍ମୀ, ଭୁବନାନନ୍ଦ ବାଦୀ, ଅଶୋକ ବିଶି, ପଦ୍ମନାଭ ମଲ୍ଲିକ, ନନ୍ଦକିଶୋର ଦଣ୍ଡସେନା, ପ୍ରବୀର ମେହେର ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।


**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**KHARIAR (R&B) DIVISION, KHARIAR.**

E-mail: eeroads.khr@rediffmail.com

**E-Procurement Notice-12**

No. 4790 Date 09.09-2025

**Invitation For Bids**

Bid Identification No. SER&BKHR -12/2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in Single Cover system in ONLINE MODE only. | |
| 2 | Nature of work | Special Repair Building work Fire Fighting. Illumination |
| 3 | No. of work | 08No. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respectiveWork. |
| 6 | Availability of Bid Documents in the website | 10.00 hours of 17.09.2025 to 17.00 Hours of 26.09.2025 |
| 7 | Date of opening of Bid | Dt. 03.10.2025 at 11:00 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.govin. Any additional corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

OIPR: 34062/11/0039/2526

Superintending Engineer
Khariar (R&B) Division, Khariar

# ଜିମ୍ ଯିବା ପୂର୍ବରୁ ଏହି ଟେଷ୍ଟଗୁଡ଼ିକ ନିଶ୍ଚୟ କରନ୍ତୁ, ହାର୍ଟ ଆଟାକ୍‌ର ବିପଦ କମ୍ ହେବ



ଆଜିକାଲି ସୁସ୍ଥ ରହିବା ପାଇଁ ଜିମ୍ ଯିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । ଅନେକ ଲୋକ ନିଜର ଶାରୀରିକ ସୁସ୍ଥତା ଏବଂ ମାନସିକ ଶାନ୍ତି ପାଇଁ ଜିମ୍ ଯିବାକୁ ପସନ୍ଦ କରନ୍ତି । କିନ୍ତୁ ଜିମ୍ ଯିବା ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଅତ୍ୟନ୍ତ ଆବଶ୍ୟକ, ବିଶେଷ କରି ହାର୍ଟ ଆଟାକ୍ ଭଳି ଗମ୍ଭୀର ରୋଗରୁ ଦୂରେଇ ରହିବା ପାଇଁ । ଅନେକ ସମୟରେ ଆମେ ଏହି ଦିଗ ପ୍ରତି ଧ୍ୟାନ ଦେଇ ନଥାଉ, ଯାହା ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ । ବାସ୍ତବରେ ହାର୍ଟ ଆଟାକ୍ ଭଳି ଗମ୍ଭୀର ସମସ୍ୟା ଜିମ୍ ଯାଉଥିବା ବ୍ୟକ୍ତିଙ୍କ ଠାରେ ଦେଖାଯାଉଥିବା ପୂର୍ବରୁ ଦେଖିବାକୁ ମିଳିଛି । ନିକଟ ଅତୀତରେ, ଜିମ୍ ଯାଉଥିବା ଲୋକଙ୍କ ମଧ୍ୟରେ ହୃଦଘାତ ସଂଖ୍ୟା ବହୁତ ବୃଦ୍ଧି ପାଇଛି, ବିଶେଷକରି ଯେଉଁମାନେ ୫୦ ବର୍ଷରୁ କମ୍ ବୟସର ଥିଲେ । ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜିମ୍ ଯିବା ପୂର୍ବରୁ କିଛି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଅନ୍ତି, ବିଶେଷକରି ଯଦି ଆପଣଙ୍କ ପରିବାରରେ ମଧୁମେହ, ଉଚ୍ଚ ରକ୍ତଚାପ କିମ୍ବା ହୃଦରୋଗର ଇତିହାସ ଅଛି, ତେବେ ଆପଣ ବ୍ୟାୟାମ କରିବା ସମୟରେ ସତର୍କ ରହିବା ଉଚିତ । ଜିମ୍ ଯିବା ପୂର୍ବରୁ କିମ୍ବା ଘରେ ବ୍ୟାୟାମ ଆରମ୍ଭ କରିବା ପୂର୍ବରୁ କିଛି ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଇବା ଉଚିତ । ଏହି ସ୍ୱାସ୍ଥ୍ୟ ଯାଞ୍ଚ ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେବ ଏବଂ ଏହାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ । ଜିମ୍ ଯିବା ପୂର୍ବରୁ ଏହି ପରୀକ୍ଷାଗୁଡ଼ିକ କରନ୍ତୁ। ଏକ ରିପୋର୍ଟ ଅନୁଯାୟୀ, ଅର୍ଥୋପାଥ୍ ଏବଂ ସ୍ପୋର୍ଟ୍ସ ସର୍ଜନ ଡାକ୍ତର ଓବାଇଦୁର ରହମାନ ଇନଷ୍ଟାଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି, 'ଜିମ୍ ଆରମ୍ଭ କରିବା ପୂର୍ବରୁ ଆପଣଙ୍କୁ ପାଞ୍ଚଟି ପରୀକ୍ଷା କରାଇବାକୁ ପଡିବ।'

ସେହି ପରୀକ୍ଷାଗୁଡ଼ିକ କ'ଣ ?

ଇଲେକ୍ଟ୍ରୋକାର୍ଡିଓଗ୍ରାମ୍ : ଏହି ଟେଷ୍ଟ ହୃଦୟର ବୈଦ୍ୟୁତିକ କାର୍ଯ୍ୟକଳାପକୁ ମାପିଥାଏ। ଏହା ହୃଦୟର ଗତି ଏବଂ ତାଳରେ କୌଣସି ଅସାମାନ୍ୟତା ଅଛି କି ନାହିଁ ତାହା ଜାଣିବାରେ ସାହାଯ୍ୟ କରେ। ଜିମ୍ ଯିବା ପୂର୍ବରୁ ଏହା କରିବା ଦ୍ୱାରା ହୃଦୟର ସ୍ୱାସ୍ଥ୍ୟ ବିଷୟରେ ମୌଳିକ ତଥ୍ୟ ମିଳିଥାଏ ।

ଷ୍ଟ୍ରେସ୍ ଟେଷ୍ଟ / ଟ୍ରେଡ୍‌ମିଲ୍ ଟେଷ୍ଟ : ଏହି ଟେଷ୍ଟରେ ଆପଣଙ୍କୁ ଏକ ଟ୍ରେଡ୍‌ମିଲ୍ ଉପରେ ଚାଲିବାକୁ କିମ୍ବା ସାଇକେଲ୍ ଚଳାଇବାକୁ କୁହାଯାଏ, ଯାହା ଦ୍ୱାରା ହୃଦୟ ଉପରେ ଚାପ ପଡେ। ଏହି ସମୟରେ ଇସିଜି ରେକର୍ଡ କରାଯାଏ। ଏହା ଜଣାପଡେ ଯେ ବ୍ୟାୟାମ ସମୟରେ ହୃଦୟ କିପରି ପ୍ରତିକ୍ରିୟା କରୁଛି ଏବଂ କୌଣସି ଲୁକ୍କାୟିତ ହୃଦ୍ ରୋଗ ଅଛି କି ନାହିଁ ।

ଇକୋକାର୍ଡିଓଗ୍ରାଫି : ଏହା ହୃଦୟର ଏକ ଅଲ୍ଟ୍ରାସାଉଣ୍ଡ ଯାହା ହୃଦୟର ଗଠନ, କାର୍ଯ୍ୟ ଏବଂ ରକ୍ତ ପ୍ରବାହକୁ ଦର୍ଶାଇଥାଏ। ଏହା ହୃଦୟର ମାଂସପେଶୀ, ଭଲ୍ଭ ଏବଂ ଚାମ୍ବରରେ କୌଣସି ଅସୁବିଧା ଅଛି କି ନାହିଁ ତାହା ଜାଣିବାରେ ସାହାଯ୍ୟ କରେ।

ରକ୍ତର ସମ୍ପୂର୍ଣ୍ଣ ଗଣନା : ଏହି ଟେଷ୍ଟ ଶରୀରରେ ରକ୍ତହୀନତା କିମ୍ବା ଅନ୍ୟାନ୍ୟ ସଂକ୍ରମଣର ସୂଚନା ଦେଇପାରେ, ଯାହା ବ୍ୟାୟାମ କରିବା ପାଇଁ ଶାରୀରିକ କ୍ଷମତାକୁ ପ୍ରଭାବିତ କରିଥାଏ ।

କାହିଁକି ଏହି ଟେଷ୍ଟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ?

ଜିମ୍ ଯିବା ପୂର୍ବରୁ ଏହି ଟେଷ୍ଟଗୁଡ଼ିକ କରାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟ ବିଷୟରେ ଏକ ସ୍ପଷ୍ଟ ଚିତ୍ର ମିଳିଥାଏ । ଯଦି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଥାଏ, ତେବେ ଏହା ପୂର୍ବରୁ ଜଣାପଡିଯାଏ ଏବଂ ଆପଣ ଜଣେ ଡାକ୍ତରଙ୍କ ପରାମର୍ଶରେ ସଠିକ୍ ବ୍ୟାୟାମ ଯୋଜନା କରିପାରିବେ। ଏହା ହଠାତ୍ ହେଉଥିବା ହାର୍ଟ ଆଟାକ୍ କିମ୍ବା ଅନ୍ୟାନ୍ୟ ଶାରୀରିକ ଜଟିଳତାର ଆଶଙ୍କାକୁ ବହୁ ମାତ୍ରାରେ କମ୍ କରିଥାଏ ।

# ଓଠରୁ କଳାଦାଗ ଦୂରେଇବାର ଘରୋଇ ଉପଚାର: ଭାରୀ ସହଜ

**ଅନେକଙ୍କଠାରେ ଡ୍ରାଏ ଓ କଳା ଓଠ ସମସ୍ୟା ଦେଖାଯାଏ । ଏହା ସାଧାରଣତଃ ଯତ୍ନର ଅଭାବ, କିଛି ଖରାପ ଅଭ୍ୟାସ ବା କିଛି ସ୍କିନ୍ କେୟାର ପ୍ରଡକ୍ଟର ପାର୍ଶ୍ୱ ପ୍ରତିକ୍ରିୟାରୁ ହୋଇଥାଏ । କିନ୍ତୁ ଏହି ସମସ୍ୟାକୁ କିଛି ଘରୋଇ ଜିନିଷ ବ୍ୟବହାର କରି ଦୂରେଇ ହେବ । ପୁଣି ଥରେ ପାଇହେବ ପୂର୍ବର ଗୋଲାପୀ ଓଠ । ଆଜିକାର ବ୍ୟସ୍ତବହୁଳ ଜୀବନଶୈଳୀ , ହାନିକାରକ କସ୍ମେଟିକ୍ସ, ଅଧିକ ଧୂମପାନ କରିବା ଦ୍ୱାରା ଓଠ କଳା ପଡ଼ିଯାଏ । ନଚେତ୍ ସୂର୍ଯ୍ୟକିରଣ ସିଧାସଳଖ ପଡ଼ିବା ଦ୍ୱାରା ମଧ୍ୟ ଅନେକ ସମୟରେ ଓଠ କଳାଦାଗ ସୃଷ୍ଟିହୁଏ । ଏପରି ସ୍ଥଳେ ଯଦି ଚାହୁଁଛନ୍ତି ଆପଣଙ୍କ ଓଠ ପୂର୍ବପରି ପିଙ୍କ୍ ଆଉ ଚମକଦାର ହେଉ ତେବେ ଆପଣାନ୍ତୁ କିଛି ସହଜ ଘରୋଇ ଉପଚାର ।**

ଲେମ୍ବୁରସ, ମହୁ ପ୍ୟାକ୍:
ଲେମ୍ବୁରସ ଓ କିଛି ବୁନ୍ଦା ମହୁକୁ ନେଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ଓଠରେ ଲଗାଇ ପାଖାପାଖି ୨୦ ମିନିଟ ରଖିବା ପରେ ଧୋଇଦିଅନ୍ତୁ । ଏପରି ଲଗାତାର କଲେ ଓଠରୁ କଳାଦାଗ ଦୂରେଇଯାଏ ।

ଗ୍ଲିସେରିନ୍ , ଲେମ୍ବୁରସ :
ଗ୍ଲିସେରିନ୍ ଓ ଲେମ୍ବୁରସକୁ ମିଶାଇ ଓଠରେ ଲେପ ଦିଅନ୍ତୁ । ଏହାକୁ ସକାଳ ଯାଏଁ: ରହିବାକୁ ଦିଅନ୍ତୁ। ସକାଳେ ଧୁଅନ୍ତୁ। ଏହା ମଧ୍ୟ ଓଠର କଳାଦାଗ ଦୂର କରିପାରେ ।

ଗୋଲାପ ଜଳ, ଦହି ମିଶ୍ରଣ :
ଏହାକୁ ସମାନ ମାତ୍ରାରେ ମିଶାନ୍ତୁ । ଏହାକୁ ଲଗାତାର ପ୍ରତିଦିନ ଓଠରେ ଲେପ ଦେଲେ ଓଠର କଳାଦାଗ ଦୂର କରେ ।

ନଡ଼ିଆ ତେଲ, ଚିନିର ସ୍କ୍ରବ୍:
ନଡ଼ିଆ ତେଲରେ ଚିନିକୁ ମିଶାନ୍ତୁ । ଏହାକୁ ଓଠରେ ହାଲକା ଘଷନ୍ତୁ । ଫଳରେ ଓଠର ଶୁଷ୍କ ପରସ୍ତ ବାହାରିଯାଏ । ଓଠ ମୁଲାୟମ ଓ ଦାଗମୁକ୍ତ ହୋଇଥାଏ । ଏହା ବ୍ୟତୀତ ଓଠରେ କେବଳ ଲେମ୍ବୁ ରସର ଲେପ ଦେଲେ ମଧ୍ୟ କଳାଦାଗ ଦୂର ହୋଇଥାଏ ।



# କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

## ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...

■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ। ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ। କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ। ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ।

■ସକାଳ ଅବା ସନ୍ଧ୍ୟା ସମୟ ଦାନ ପାଇଁ ଉପଯୁକ୍ତ ହୋଇଥାଏ।




ଆଚାର୍ଯ୍ୟ ଚାଣକ୍ୟ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଜଣେ ଲୋକପ୍ରିୟ ଅର୍ଥନୀତିଜ୍ଞ, ଏବଂ କୂଟନୀତିଜ୍ଞ ଭାବରେ ଜଣାଶୁଣା। ଚାଣକ୍ୟ, ଚାଣକ୍ୟ ତାଙ୍କ ନୀତି ନାମରେ ପ୍ରସିଦ୍ଧ। ଚାଣକ୍ୟ ସାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କକୁ ନେଇ ଅନେକ ନିର୍ଦ୍ଦିଷ୍ଟ ନିୟମ ଦେଇଛନ୍ତି। ଯାହାକୁ ପାଳନ କଲେ ବୈବାହିକ ଜୀବନ ସୁଖମୟ ହୋଇପାରିବ। ସ୍ୱାମୀ ଓ ସ୍ତ୍ରୀ ପରସ୍ପରକୁ ସାହାଯ୍ୟ କରନ୍ତି। ପତ୍ନୀଙ୍କୁ ସୁରକ୍ଷା ଦେବା ଏବଂ ଯେତେବେଳେ ସେ ଅସୁବିଧାରେ ପଡିବେ ସେତେବେଳେ ତାଙ୍କର ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବା ସ୍ୱାମୀଙ୍କ ଦାୟିତ୍ୱ। ଜଣେ ବ୍ୟକ୍ତିର ଜୀବନ ଉପରେ ମା, ବାପା, ସ୍ତ୍ରୀ ଏବଂ ସନ୍ତାନମାନଙ୍କର କେତେ ପ୍ରଭାବ ପଡିଥାଏ ତାହା ବ୍ୟାଖ୍ୟା କରିଛନ୍ତି। ଚାଣକ୍ୟ ତାଙ୍କ ଶୋକରେ କହିଛନ୍ତି – ଚାଣକ୍ୟ ପିତା ହେଉଛି ଶତ୍ରୁର ବ୍ୟଭିଚାରିଣୀ। ସ୍ତ୍ରୀ ହେଉଛି ସୁନ୍ଦର ଶତ୍ରୁ , ପୁଅ ଶତ୍ରୁର ପଣ୍ଡିତ।

ଚାଣକ୍ୟ କୁହନ୍ତି ଯେ, ଜଣେ ସୁନ୍ଦର ଦେଖାଯାଉଥିବା ସ୍ତ୍ରୀ ସୱାମୀ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଯଦି ସ୍ତ୍ରୀ ବହୁତ ସୁନ୍ଦର ତେବେ ତାଙ୍କ ସୱାମୀଙ୍କ ପାଇଁ ସମସ୍ୟା ହୋଇପାରନ୍ତି। ସେ ତାଙ୍କ ସହିତ ଶତ୍ରୁ ପରି ବ୍ୟବହାର କରିପାରନ୍ତି।

ମୂର୍ଖ ସନ୍ତାନ ମାନେ ଶତ୍ରୁ ପରି। ସେମାନେ ଜୀବନ ସାରା ତାଙ୍କ ପିତାଙ୍କୁ କଷ୍ଟ ଦେବେ ଏବଂ ଯଦି ପିତାମାତା ସେମାନଙ୍କ ସନ୍ତାନମାନଙ୍କ ପ୍ରତି ସେମାନଙ୍କର ଦାୟିତ୍ୱ ପୂରଣ ନ କରନ୍ତି, ତେବେ ଭବିଷ୍ୟତରେ ସନ୍ତାନମାନେ ସେମାନଙ୍କ ପାଇଁ କ୍ଷତି ଘଟାଇବେ।

ଚାଣକ୍ୟ ନୀତି ଅନୁଯାୟୀ ଋଣ ନେଉଥିବା ପିତା ଶତ୍ରୁ ଠାରୁ କମ ନୁହେଁ। ନୀତି ଅନୁଯାୟୀ ତାଙ୍କ ପିଲା ମାନଙ୍କୁ ଠିକ ଭାବରେ ଖାଦ୍ୟ ଯୋଗାଇବା ପିତାଙ୍କ କର୍ତ୍ତବ୍ୟ। ଯଦି ଜଣେ ପିତା ଋଣ ନେଇ ତାଙ୍କ ପିଲାମାନଙ୍କ ଉପରେ ବୋଝ ଲଦି ଦିଅନ୍ତି ତେବେ ସେହି ପିତା ଶତ୍ରୁ।

ସେହିପରି ଚାଣକ୍ୟ କହିଛନ୍ତି ଯେ ଯେଉଁ ମାଆ ନିଜ ସନ୍ତାନମାନଙ୍କ ମଧ୍ୟରେ ଭେଦଭାବ ରଖନ୍ତି ଏବଂ ସମସ୍ତ ସନ୍ତାନଙ୍କୁ ସମାନ ମନେ କରନ୍ତି ନାହିଁ।ସେ ତାଙ୍କ ସନ୍ତାନମାନଙ୍କ ପାଇଁ ଘାତକ। ସେହି ସମୟରେ ଯଦି ସେ ଅନ୍ୟ କାହାକୁ ବିବାହ କରନ୍ତି, ତେବେ ସେ କେବେବି ତାଙ୍କ ପରିବାର ଏବଂ ସନ୍ତାନମାନଙ୍କ ବିଷୟରେ ଚିନ୍ତା କରିପାରିବେ ନାହିଁ।

**ମସଲା ହାତ ଆଖିରେ ବାଜିଲେ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ବେଳେବେଳେ ଆଖିରେ ଜଳାପୋଡ଼ା ହୋଇଥାଏ । ସାଧାରଣ କଥା ସେତେବେଳେ ଆମେ କାହାକୁ ଆଖିକୁ ଟିକେ ଫୁଙ୍କିଦେବା ପାଇଁ କହିଥାଉ । କେହି ଫୁଙ୍କିଲା ବେଳେ ମୁହଁରୁ ଥଣ୍ଡା ପବନ ବାହାରେ , ଯାହା ଆରାମ ଦିଏ । କିନ୍ତୁ ଶୀତ ଦିନରେ ଯେତେବେଳେ ହାତ ଅଧିକ ଥଣ୍ଡା ହେବାକୁ ଲାଗେ ସେତେବେଳେ ମୁହଁକୁ ବଡ଼ କରି ଖୋଲି ପବନ ଛାଡ଼ିଲେ ଗରମ ପବନ ବାହାରିଥାଏ । ତେବେ ଏପରି କାହିଁକି ହୁଏ , ଆସନ୍ତୁ ଜାଣିବା ।**




ସୋସିଆଲ ମିଡିଆ ପ୍ଲାଟଫର୍ମ କୋରାରେ ଅନେକ ସମୟରେ ସାଧାରଣ ଲୋକ ନିଜ ପ୍ରଶ୍ନ ପଚାରନ୍ତି ଏବଂ ଅନ୍ୟ ଉପଭୋକ୍ତାମାନେ ଏହାର ଉତ୍ତର ଦିଅନ୍ତି । ଅନେକ ଥର ଉତ୍ତର ଦେଉଥିବା ଉପଭୋକ୍ତା କୌଣସି ଫିଲ୍ଡର ଜଣାଶୁଣା ବ୍ୟକ୍ତିବିଶେଷ ହୋଇଥା'ନ୍ତି । କିଛି ବର୍ଷ ପୂର୍ବେ କେହି ଜଣେ କୋରାରେ ପ୍ରଶ୍ନ ପଚାରିଥିଲେ ଯେ ଯେତେବେଳେ ଆମେ ମୁହଁରୁ ଫୁଙ୍କି ପବନ ବାହାର କରୁ ଥଣ୍ଡା ପବନ ବାହାରିଥାଏ କିନ୍ତୁ ଯେତେବେଳେ ପବନ ଭିତରକୁ ନେଉ ଏହା ଗରମ କାହିଁକି ହୁଏ ? ଏହି ରୋଚକ ପ୍ରଶ୍ନର ଉତ୍ତର କୋରାରେ ଦିଆଯାଇଛି , ଏଥିରେ ଜଣେ ଡାକ୍ତର କହିଛନ୍ତି ଯେ "ଯେତେବେଳେ ଆପଣ ନିଜର ହାତ ପାପୁଲି ପାଖରେ ମୁହଁରୁ ନିଶ୍ୱାସ ଛାଡ଼ନ୍ତି, ସେତେବେଳେ ଉଭୟ ସ୍ଥିତିରେ ଆପଣଙ୍କର ନିଶ୍ୱାସ ଗରମ ହୋଇଥାଏ। ଯଦି ଆପଣ ନିଜର ହାତ ପାପୁଲିକୁ ନିଜ ମୁହଁରୁ କିଛି ଇଞ୍ଚ ଦୂରରେ ରଖି ଦୁଇ ଉପାୟରେ ନିଶ୍ୱାସ ଫୁଙ୍କନ୍ତି, ଥରେ "ହା"ର ସ୍ୱର ସହିତ ଏବଂ ଦ୍ୱିତୀୟ ଥର "ଫୁ"ର ସ୍ୱର ସହିତ- ତେବେ ଆପଣ ଅନୁଭବ କରିବେ କି "ହା" ନିଶ୍ୱାସ ଅଧିକ ଗରମ ଲାଗେ, କିନ୍ତୁ "ଫୁ" ଥଣ୍ଡା ଲାଗେ । ହେଲେ କାହିଁକି ? କାରଣ ଏହା ଭୌତିକ ବିଜ୍ଞାନର କମାଲ । ଯେତେବେଳେ ଆପଣ ଓଠକୁ ସଙ୍କୁଚିତ କରି ଫୁଙ୍କିଥା'ନ୍ତି ସେତେବେଳେ ଦ୍ରୁତ ଗତିରେ ପ୍ରବାହିତ ହେଉଥିବା ପବନର ଏକ ସ୍ରୋତ ସୃଷ୍ଟି ହୁଏ । ଯେତେବେଳେ ଦ୍ରୁତ ଗତିରେ ଚାଲୁଥିବା ପବନ ସ୍ଥିର ପବନରେ ପ୍ରବେଶ କରେ ତେବେ ଏହାଦ୍ୱାରା ବକ୍ରାକାର ଗତି ସୃଷ୍ଟି ହୁଏ । ଏହି ଗତିର ପ୍ରଭାବ ଆଖପାଖର ଥଣ୍ଡା ପବନକୁ ନିଶ୍ୱାସର ଦିଗରେ ଟାଣି ଆଣେ। ଆମ ଶରୀର ବାହାରର ପବନ ଫୁସଫୁସରୁ ବାହାରୁଥିବା ପବନ ତୁଳନାରେ ଥଣ୍ଡା ହୋଇଥାଏ । ସେଥିପାଇଁ ଯେତେବେଳେ ଥଣ୍ଡା ପବନ ଆପଣଙ୍କ ଗରମ ନିଶ୍ୱାସରେ ମିଶେ ସେତେବେଳେ ହାତ ପାପୁଲିରେ ପହଞ୍ଚୁଥିବା ପବନ ଥଣ୍ଡା ଅନୁଭୂତ ହୁଏ।

ଓଠକୁ ସଙ୍କୁଚିତ କରି ଫୁଙ୍କିଲେ ହାତ ପାପୁଲିରେ ଯେଉଁ ପବନ ଅନୁଭୂତ ହୁଏ ତାହା ଅଧିକାଂଶଃ ଆଖପାଖର ଥଣ୍ଡା ପବନ ହୋଇଥାଏ । ଯେତେବେଳେ ଆପଣ ମୁହଁକୁ ଖୋଲା ରଖି "ହା" କରନ୍ତି ସେତେବେଳେ ପବନ ଧୀର ଗତିରେ ବାହାରେ । ଏହାଦ୍ୱାରା ସେହି ଦ୍ରୁତ ପବନ ଭଳି ଗତି ସୃଷ୍ଟି ହୁଏନାହିଁ ଏବଂ ଆଖପାଖର ଥଣ୍ଡା ପବନ ମଧ୍ୟ ସେହି ଗରମ ପବନରେ କମ୍ ସାମିଲ ହୋଇଥାଏ । ଫଳସ୍ୱରୂପ ଆପଣଙ୍କ ହାତ ପାପୁଲିରେ ଯେଉଁ ପବନ ଲାଗେ ତାହା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ଫୁସଫୁସରୁ ବାହାରିଥିବା ଗରମ ପବନ ହୋଇଥାଏ । ତେବେ ଏହି ତଥ୍ୟକୁ ସମ୍ପୂର୍ଣ୍ଣ ଭାବରେ ସଠିକ ବୋଲି କୁହାଯାଇଛି କାରଣ ଏକ ସାଇନ୍ସ ୱେବସାଇଟ ଦି ନେକେଡ ସାଇଣ୍ଟିଷ୍ଟରେ ମଧ୍ୟ ଏହି ତଥ୍ୟକୁ ବିସ୍ତାର କରି ବୁଝାଯାଇଛି ।

## ନଦୀଧାରା
### ନୀଳାମ୍ବର ପଣ୍ଡା



ପ୍ରକୃତିର ସ୍ରୋତସିନୀ ଧାରଟିଏ
କଳକଳ ମୂର୍ଚ୍ଛନାରେ ପ୍ରବାହିତ ଅନବରତ
ତାର ଜୀବନର ଗତିଶୈଳୀ
କେବେ ଧୀର, ନମ୍ର, ସାବଲୀଳ
କେବେ କ୍ଷିପ୍ରତର, ଗମ୍ଭୀର, ଉଚ୍ଛ୍ୱଳ
ତଥାପି ସେ ନିତ୍ୟ ନୂତନ ସ୍ୱପ୍ନରେ
ଆଗକୁ ଧାଇଁବାରେ ମଗ୍ନ।

ମାଟିର ଶେଯରେ ଶୋଇ,
ସୁଗମ ଦୁର୍ଗମ ସବୁକୁ ଆପଣାଇ,
ଅଙ୍କାବଙ୍କା ଗତି ନେଇ
ବନ, ଲତା, ପାହାଡ଼, ଜନପଦକୁ
ଜଳଦାନେ ଛୁଇଁଛୁଇଁ
ବହିଯାଏ ସ୍ୱତଃସ୍ଫୁର୍ତ୍ତେ
କୂଳେ କୂଳେ ହିତ ଉପଜାଇ।

ପାହାଡରେ ଜନ୍ମନେଇ
ସାଗରେ ମିଶିବା ପାଇଁ
ଯାତ୍ରା ତାର ଅନୁପ୍ରାଣିତ
ସୁଖ-ଦୁଃଖ/ଜୁଆର-ଭଟାରେ
ନହୋଇ ବିବ୍ରତ
ଗତିରେ ହିଁ ଅନୁରଞ୍ଜିତ
ସେ ଶିଖାଏ —
ଜୀବନ ହିଁ ଗତିଶୀଳ,
ଥମିବାରେ ଅନ୍ତ।

ଉଚ୍ଛ୍ୱଳିତ ଜଳଧାରେ
ଶୁଷ୍କତାର ବାଲିଚରେ
ହୁଏ ନି ବିଚ୍ୟୁତ କି ବିଚଳିତ
ସେ ସ୍ଥିର ମନୋବଳେ
ଚିରତର ଗନ୍ତବ୍ୟେ ଧାବିତ
ଲକ୍ଷ ତାର ଜଗତର ହିତ।

ନଦୀ ଶିଖାଇଥାଏ
ଚଳନରେ ସଂଜୀବୀକ୍ଷା
ସହନରେ ସାର୍ଥକତା,
ଦାନରେ ସୁନ୍ଦରତା,
ନମ୍ରତାରେ ମହାନତା,
ସେବାରେ ହିଁ ସୃଷ୍ଟି ସୃଜନତା।


♥ ୭-କୋକିଳା କଟେଜ
ଭୁବନେଶ୍ୱର-୭୫୧୦୦୨
ମୋ: ୭୬୮୧୦୨୧୮୩୦


## ମନନଶୀଳ
### ସୁଧାଂଶୁ ଶେଖର ଦ୍ୱିବେଦୀ



ମୁଁ ଯାହାଙ୍କ ଧ୍ୟାନରେ
ପ୍ରତିକ୍ଷଣ ମଗ୍ନ ଥାଏ
ତାଙ୍କୁ ସାରା ଦୁନିଆର
ନିରନ୍ତର ଧ୍ୟାନ ରହିଥାଏ।

ମୁଁ ଯାହାଙ୍କ ମୋହରେ
ସବୁକିଛି ଭୁଲିଯାଏ
ସେ ସାରା ଦୁନିଆକୁ
ମୋହ ବନ୍ଧନରେ ରଖିଛନ୍ତି।

ମୁଁ ଯାହାଙ୍କୁ ପ୍ରକାଶିତ
କିରଣ ସଦୃଶ ଭାବିଥାଏ
ସେ ସାରା ଜଗତକୁ
ପ୍ରକାଶମୟ କରି ରଖିଛନ୍ତି।

ମୁଁ ଯାହାଙ୍କ ପ୍ରେମରେ
ସଦା ଆତୁର ହେଉଥାଏ
ସେ ସାରା ବ୍ରହ୍ମାଣ୍ଡକୁ
ପ୍ରେମଫାଶରେ ବାନ୍ଧି ରଖିଛନ୍ତି।


♥ ବିସି-୭୪,
ସଲଟ ଲେକ,କଲକାତା-୬୪
ମୋ-୯୬୮୧୩୭୩୫୧୨


## ସୁନା ହରିଣୀର ମାୟା
### ଜେନା ପ୍ରଦୀପ



ସୁନା ହରିଣୀର ମାୟାରେ ଜାନକୀ
ସହଜରେ ହେଲେ ବଶ
କାମିନୀ କାଞ୍ଚନ ମୋହରେ ପଡ଼ିଲେ
ହୋଇଥାଏ ସର୍ବନାଶ।

ଅସୁର ରାବଣ ସୀତାଙ୍କୁ ହରିଣ
ରଖିଲା ଲଙ୍କାରେ ନେଇ
ଯାତନା କଷ୍ଟ ଭୋଗିଲେ ବୈଦେହୀ
ଚଉଦ ବରଷ ପାଇଁ
କଲେ ଧନଲୋଭ ହୁଏନାହିଁ ଲାଭ
ହୁଅଇ ବିବେକ ଧ୍ୱଂସ।

ଜାଗତିକ ସୁଖ ଅଳୀକ ଜୀବନେ
ନୁହେଁ ଶାଶ୍ୱତ ତାହା

ପ୍ରଭୁଙ୍କ ଚିନ୍ତନ ପ୍ରଭୁପାଦେ ଧ୍ୟାନ
ଦେଖାଏ ମୁକତି ରାହା
ଧରମ ପଥରେ ଚଳିବା ଲୋକର
ନଥାଏ ଦୁଃଖ କ୍ଳେଶ।


♥ ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩,ସିଡିଏ,କଟକ
ମୋ - ୯୯୩୮୫୨୦୩୭୧


## ଦଶଟି ଏକପଦୀ
### ଡ.ଭରତ ଚନ୍ଦ୍ର ଦାଶ



॥ ଏକ ॥
ପ୍ରେୟସୀର ଚିତ୍ର ଚାରୁକଳା ମାତ୍ର
ନୁହେଁ ଗୋ ହୃଦୟେ ପ୍ରୀତି
ମୋ ଜୀବନେ ପ୍ରେମ ଦିବ୍ୟ ଅନୁପମ
ମିଳନର ମଧୁ ଗୀତି ।

ଦୁଇ ॥
ତୁମେ ତ ଭରିଛ ମୋ ପ୍ରଣୟ ପାତ୍ର
ଦେହ ଦେଉଳର ମଧୁ
ତୃପତ ହୋଇଛି ମୋ ତୃଷିତ ପ୍ରାଣ
ମିଳନର ପ୍ରୀତି ସିନ୍ଧୁ ।

॥ ତିନି ॥
କମ୍ପିତ ଅଧର ପ୍ରୀତି ସୁଧା ଝର
ଛୁଇଁଲା ଅଧର ଯେବେ
ଲୋଭିଲା ଭ୍ରମର ମଧୁ ଭ୍ରମେ ବାର
ଭୁଲି ନାହିଁ ପ୍ରିୟା କେବେ ।

॥ ଚାରି ॥
ପ୍ରତୀକ୍ଷା ଯେ କେତେ ଯନ୍ତ୍ରଣାଦାୟକ
ହୃଦବନେ ଲାଗେ ନିଆଁ
ପ୍ରଣୟୀ ପ୍ରାଣରେ ପ୍ରଣୟିନୀ ସ୍ପର୍ଶ
ବୁଝିବି ଅବୁଝା କିଆଁ ।

॥ ପାଞ୍ଚ ॥
ମୋ ପ୍ରେମିକା ପାଇଁ ଯୁଗରୁ ଯୁଗାନ୍ତ
ନିରନ୍ତରେ ଥିବି ଚାହିଁ
ପ୍ରୀତିର ଫସଲ ଫଳାଇବି ହୃଦେ
ଦେଖିବ ଗୋ ପ୍ରାଣ ସହି ।

॥ ଛଅ ॥
ବରଷା ଭିଜାଏ ମୋ ଦେହକୁ ସଖି
ତୁମ ଦେହେ ଲାଗେ ନିଆଁ
ତୁମ ଦେହ ଯେବେ ବିରହରେ ଜଳେ
ମୁଁ ଜଳୁଛି ଏଠି କିଆଁ ।

॥ ସାତ ॥
ତୁମ ମୃଦୁ ହସ ସୃଜେ ମଧୁ ମାସ
ମଳୟ ପବନ ଦେହେ
ପଞ୍ଚ ପୁଷ୍ପ ଶର ଭେଦେ ମୋ ଶରୀର
ବିରହର ପୀଡ଼ା ସହେ ।

॥ ଆଠ ॥
ମୋ ହୃଦୟେ ସଖି ପ୍ରୀତିର ନିର୍ଝର
ପ୍ରେମ ପ୍ରଣୟରେ ଝରେ
ଆପଣାର ଭାବ ହୃଦୟେ ବିଭବ
ପ୍ରଣୟିନୀ ପ୍ରୀତି ଧାରେ ।

॥ ନଅ ॥
ତୁମେ ବୁଝିଲନି ମୋ ହୃଦୟ ଭାବ
ଅବ୍ୟକ୍ତ ଅନ୍ତର ବ୍ୟଥା
ପ୍ରଣୟୀ ପ୍ରଣୟ ଖାଲି ପ୍ରୀତିମୟ
ଅମଳିନ ପ୍ରୀତି ଗାଥା ।

॥ ଦଶ ॥
କାହା ପାଇଁ ତୁମେ ସରାଗେ ଗଭାରେ
ଖୋସିଛ ସୁଗନ୍ଧ ଫୁଲ
ଅଭିସାରିକା ଗୋ ପ୍ରଣୟୀ ତୁମର
ଦେବ ଗୋ ପ୍ରୀତିର ମୂଳ ।


♥ ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ବାଲେଶ୍ୱର - ୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## କାଶତଣ୍ଡି
### ଶାଶ୍ୱତୀ ହୋତା

ପ୍ରତ୍ୟୁଷର ନୂତନ ସ୍ୱର୍ଣ୍ଣିମ କିରଣ
ସଂଧ୍ୟାର ଅବେଗମୟ ଶୀତଳ ପବନ
ତାଳରେ ତାଳ ମିଶାଇ ....
ଧରା ପୃଷ୍ଠକୁ ପୁଲକିତ କରିବା ପାଇଁ
ଧବଳ ରଙ୍ଗରେ ନିଜକୁ ରଙ୍ଗେଇ...
କଉ ପବିତ୍ର ପୀଠର ଦେବଦାସୀ ପରି
ଝୁମି ଝୁମି ଆସେ କାଶତଣ୍ଡି.....।

ଅନ୍ୟାୟ ରୂପୀ ଅନ୍ଧକାରର ପ୍ରତିହତ ପାଇଁ
ମିଥ୍ୟା ଅପବାଦର ଫାଶରେ ବନ୍ଧା
ବିକଳ ମନର ଦୁଃଖ ନିବାରଣ ପାଇଁ
ପାର୍ବଣରେ 'ମାଆ' ଆସିବେ ବୋଲି....
ସ୍ୱାଗତ ସକାଶେ
ଭାଦ୍ରବର ଶେଷ ପରଶେ ଆଶ୍ୱିନକୁ ଘେନି
ହୁଳହୁଳି ଶବଦେ ଆସେ କାଶତଣ୍ଡି ...।

ସବୁଜ କ୍ଷେତର ଅସଜଡ଼ା ହୁଡ଼ା
ଅବା ଧରଣୀ ରାଣୀର ନୁଖୁରା ପୃଷ୍ଠକୁ
ପଙ୍କଜ ଶୂନ୍ୟ ସରୋବରର ପଙ୍କମୟ ହିଡ
ଅବା ତଟିନୀ ସଂସ୍ପର୍ଶେ ଥିବା
ବାଲିମୟ ତଟକୁ....
ମଖମଲି ଶ୍ୱେତ ଝାଲରରେ
ସଜେଇ ଦେବା ପାଇଁ, ଆସେ କାଶତଣ୍ଡି....।

ମାଆ ଗଲା ହାରେ ତା ସ୍ଥାନ ନାହିଁ ସିନା
ଖୁସିରେ ଥାଏ ସେ ସଦା,
ମନ କରେ ନାହିଁ ଉଣା
ଦଶହରା ଶେଷରେ
ପ୍ରକୃତି କୋଳରେ ଝାଉଁଳି,
ଋତୁଚକ୍ର ବଦଳିବା ପରେ,
ଏକ ନୂତନ ଅଧ୍ୟାୟ ନେଇ
ଫି ଥର ହସି ହସି, ଆସେ କାଶତଣ୍ଡି ।


+ ସାଗୁନଭାଡ଼ି, ନୂଆପଡ଼ା


## ପ୍ରେମ ଆବେଦନ
### ଚନ୍ଦନ କୁମାର ବେହେରା



ମୋ ପ୍ରିୟା ମୋ ପ୍ରିୟା କେତେ ମୁଁ କହିବି
ଉତ୍ତର ମୋ ମିଳୁ ନାହିଁ
ସଜାଇବି ବୋଲି ବଧୂ ରୂପେ ବୋଲି
ସପନ ଦେଖିଛି ମୁହିଁ

କେତେ ଆଉ ତତେ ଭଲ ମୁଁ ପାଇବି
କରିବାକୁ ତତେ ମୋର
ଯେତେ ଚେଷ୍ଟା ମୁଁ କରୁଛି ଲୋ ପ୍ରିୟା
କରିଦେଉ ମୋତେ ପର

ଲୋକ ଙ୍କୁ ଡରି କି ପ୍ରେମ ଆବେଦନ
କରି ଦେଉ ଅଛ ଖଣ୍ଡିତ
ସତେ ଅବା ମୁଁ ପ୍ରେମ କରି ଆଜି
ହେଉ ଅଛି ଚିର ଦଣ୍ଡିତ

ଦୁନିଆ ଦେଖିବି ତମ ସହ ବୋଲି
ରଖିଛି ମୁଁ ବହୁ ସ୍ୱପ୍ନ
ପ୍ରେମ ଆବେଦନ କରି ସ୍ୱୀକାର ମୋ
ରଖି ଦିଅ ପ୍ରେମେ ମାନ

ଜୀବନ ସାରା ମୁଁ ସାଥୀ କରିଥିବି
ଦେଉଛି ମୁଁ ପ୍ରତିଶୃତି
କେବେ ହେବ ନାହିଁ ପ୍ରେମ ମୋର ଊଣା
ହେବ ନାହିଁ କେବେ ଇତି

ଗାଳି ନିନ୍ଦା ମୁଁ ଯେ ସବୁ ସହି ଯିବି
ସହି ପାରିବିନି ଦୂରତା
ତୁମେ ପରା ମୋର ମୁଁ ଏକା ତୁମର
ଦେଉଛି ଆଜି ମୁଁ କଥା

ସ୍ୱୀକାର କର ମୋ ପ୍ରେମ ଆବେଦନ
ନ କର କିଛି ବି ଚିନ୍ତା
ବିରହ ବେଦନା ଦେବିନାହିଁ କେବେ
କଥା ମୋ ନ ହେବ ବ୍ୟଥା


♥ କେନ୍ଦୁପାଳ, କୁଣ୍ଢେଇଗୋଲା
ଦେବଗଡ଼


## ତୋ କଥା ମନେ ପଡୁଛି
### ରବୀନ୍ଦ୍ର କୁମାର ପାତ୍ର

ସହରଟା ଅନ୍ଧାର ହୋଇ ଗଲା ପରେ
ସବୁ ଲୋକ ଶୋଇଗଲା ପରେ
ମୋର ପ୍ରିୟା ତୁମ କଥା ମନେ ପଡେ...
ମନେ ପଡେ ପିଲାଦିନ ମନେ
ପଡେ ପୁରୁଣା ଅତୀତ
ଆମ୍ବ ତୋଟା ତୋଫା ଜହ୍ନ
ଆଉ ବୋହୂ ଚୋରି ଖେଳ,
ମନେପଡେ କୁଆଁର ପୂର୍ଣ୍ଣିମା ଡ଼ଙ୍ଗୀ ଭସା,
ଆଉ ଦୀପାବଳି
ଆଜି ବି ଲାଗୁଛି କାଲି ପରି
ସେହିଁ ସବୁ ଦିନ
ତୋ ସହ ହେଇ ଥିବା
ପାଟିତୁଣ୍ଡ ମିଛ ବାହାଘର
ଆଉ ବୋହୂ ଚୋରି ଖେଳ
କେତେ ଥର ରାଗିଛୁ ମୁହଁ ମୋଡି
ରୁଷି କି ବସିଛୁ
ଆଉ କେବେ ଜିଦି କରି ଜହ୍ନ
ଆଣି ଦେବା ପାଇଁ
ଆଳି ବି କରିଛୁ...
କୁଆଡେ ଗଲା ଲୋ ସେ ହିଁ ପିଲା ଦିନ
ଆଜି ବି ଭାବିଲେ
ଆଖି ଲୁହରେ ଓଦା ହୋଇ ଯାଉଛି ସ୍ମୃତି
ସବୁ ଛାତି ତଳେ ଚାପି ହୋଇ
ଯନ୍ତ୍ରଣା ବି ଦଉଛି....
ଏବେ ଯଦି କିଏ ବର୍ଷାରେ
ଭିଜିବାର ଦେଖେ
ତୋ କଥା ମନେ ପଡେ ପ୍ରିୟା...
ସେହି ବର୍ଷା ଦିନ କଲେଜ ଯିବା
ସମୟ ଆଉ ଗଛ ମୂଳେ
ଦୁହେଁ ଅଧା ଓଦା ହେବା ସମୟ ସବୁଭାସି
ଆଣି କଷ୍ଟ ଦିଏ...
ସମୟ ବଦଳି ଯାଇଛି ତୁ ବି ବଦଳି ଯାଇଛୁ
ମୋ ଠାରୁ ଦୂରକୁ ଜାଣିନି ତୁ ମୋତେ
ମନେ ରଖିଛୁ ନା ଭୁଲି ଯାଇଛୁ. ହେଲେ
ମୁଁ ଭୁଲି ନାହିଁ ତୋତେ କି ତୋ ଭଲ
ପାଇବାକୁ
ଯେଉଁଠି ଥା ଭଲରେ ଥା..


♥ ଗୁଲନଗର କେନ୍ଦ୍ରାପଡ଼ା..


## ହିନ୍ଦୀ
### ସୁଜିତ୍ କୁମାର ମିଶ୍ର



କେମିତିକା ବର୍ଷା କେଜାଣି
ତା ସୁରଭିରେ
ସମଗ୍ର ଭୂଖଣ୍ଡ ମନେହୁଏ
ଅନନ୍ତ ଅନ୍ତରଙ୍ଗତାର କାହାଣୀ ।

ଭାଷାଟିଏ ନୁହେଁ
ତା ଭିତରେ ପ୍ରେମପକ୍ଷୀଟିଏ ଥାଏ
ଉଡାଣରେ,
କୋଳେଇ ନେବାକୁ ସଭିଙ୍କୁ
ଆଲୋକ ଓ ଅନ୍ଧାରରେ ।

ବହୁ ଜଟିଳପଣରୁ ବାହାରି
ବିବିଧତା ଭିତରେ
ଗୋଟିଏ ସରଳ ରଙ୍ଗକୁ
ଚିହ୍ନଟ କରେ ସେ
ଅସରାଏ ଶ୍ରାବଣରେ ଭିଜିବା ପରେ
ମାଟିର ବାସ୍ନା ପରି ।

ବୁନ୍ଦେ ବୁନ୍ଦେ ପାଣିକୁ ସିନ୍ଧୁ କରେ ଯେ
ସେ ହିଁ ତ ହିନ୍ଦୀ,
ଭିନ୍ନ ଭିନ୍ନ ଇଲାକାରେ ସେ ଏକ ହିଁ ତ
ମୈତ୍ରୀର ମିଠାଝର,
ତୁମେ ଖୋଜୁଥାଅ ତୁମ ଠିକଣା,
ସେ ଆପଣାପଣରେ ଦିଏ ଛନ୍ଦି ।

ହିନ୍ଦୀ ଖୋଲା ଛାତିର ପ୍ରୀତି,
ଅଭୂଲା ପ୍ରେମର ମୋତି,
ଅସରନ୍ତି ଅଶ୍ରୁଗୀତିର ଆହୂତି,
ଚିତ୍ତଚୋରା ଭାବର ଚିତ୍ର,
ନୀଳ ନୀଳିମାର ନେତ୍ର,
ସେ ତ ଯୋଡିବାର ଦୁର୍ମୂଲ୍ୟ ସତ୍ତ୍ୱ,
ପୁଲକିତ ଆଶାର ପୁଣ୍ୟ ପ୍ରଭାତ,
ଅଦୃଶ୍ୟ ସାହସୀ ସୈନିକ ସିଏ
ଦିନରାତି ।

ହିନ୍ଦୀ ଏକ ଭାଷା ନୁହେଁ
ରକ୍ତରୁ ନିଗୁଡୁ ଥିବା ଭାବୋଚ୍ଛ୍ୱାସ,
ଜୀବନ ଶୈଳୀର ନୀଳ ନିର୍ଯ୍ୟାସ,
ଯାଯାବର ଜୀବନକୁ
ସେ ସଂଘଠିତ କରୁଥିବା
ଏକ ଛନ୍ଦ ରସ ।

ମଣିଷ ଅବା ପଶୁ
ଗୋଟିଏ ଜାଗାରେ ରହିଲେ
ତହିଁରୁ ଝରେ କୋଳାହଳ,
ହିନ୍ଦୀ ହେଲେ ସଭିଙ୍କର ଭାବ
ମାଟି ଆହା ଝଲମଲ ।

ହିନ୍ଦୀ ଏକ ବିପୁଳ ବୈଭବ,
ଆପଣାପଣରେ ଆନନ୍ଦ ମହୋତ୍ସବ,
ବିକାଶର ମିଠା ରାଗ ।

ପବିତ୍ର ଗଙ୍ଗାରେ ସହରର
ନାଳି ପାଣି ପ୍ରବେଶ ପରି
ହିନ୍ଦୀ ଦେହ ହୋଇନିକି
ସେପରି ଏବେ ପ୍ରଦୂଷିତ ବେଶୀ ?

ଆବଡାଖାବଡା ଜାଗାକୁ
ସମତୁଲ କରି
ସେଠି ତୋଳାଯାଉ
ଏକ ବିଶାଳ ନଗରୀ,
ହିନ୍ଦୀ ହେଉ ଅନ୍ତରରୁ ବର୍ଷା,
ଯେଉଁଠି ନିରନ୍ତର
ଆତ୍ମୀୟତା ପଡୁଥିବ ଝରି ।


♥ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨


## ତୁମେ ଆସିଛ ବୋଲି
### ନୀଳମଣି ଚାନ୍ଦ



ତୁମେ ଆସିଛ ବୋଲି
କାଶତଣ୍ଡୀ ବିଛେଇ ଦେଇଥିଲା
ଶ୍ୱେତ ଚାଦର
ବଉଦ ମାନେ
ଝୁଲାଉଥିଲେ ସାମିଆନା
ଆଗରୁ ଫୁଟୁ ନ ଥିବା ଗଙ୍ଗଶିଉଳି
ଏବେ ହୁଏ ଦୃଶ୍ୟମାନ।

ପ୍ରତି ମଣ୍ଡପରେ ମୂର୍ତ୍ତି ଗଢ଼ା କାମ
ଆଗକୁ ଦଶଭୂଜା,ଗଜଲକ୍ଷ୍ମୀଙ୍କ
ହେବ ଆଗମନ
ବାଟଘାଟ ଦିଶିବ ସଫା,ଚିକ୍କଣ
ନଈଧାରର ଜଳ ଦିଶିଲାଣି
କାଚକେନ୍ଦୁ ପରି
ତୁମେ ଆସୁଛ ବୋଲି।

ଗୋଟେ ପ୍ରାବୃଟର ବିଦାୟ
ଆଗକୁ ହେମନ୍ତ
ସନ୍ଧିକ୍ଷଣରେ ତୁମେ
ସବୁ ଥର ଏମିତି ଆସ
ଥାଏ ଭାଦ୍ରବ, ଆଶ୍ୱିନ ମାସ
ନିଦାଘ ପରି କରୁନା ଉପହାସ
ସ୍ୱଚ୍ଛତାର ମନ୍ତ୍ର ଦିଅ ଶରତ
ନିଅ ଆମରି ବଧେଇ ନିଅ।


♥ ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ଅପରପକ୍ଷ
### ବିଶ୍ୱନାଥ ପାଢୀ



ଅତ୍ରିମୁନି ଦେଖିଥିଲେ
ପ୍ରପୌତ୍ରର ଅକାଳ ବିୟୋଗ
ଭାଙ୍ଗିଗଲା ଅମରତ୍ୱ
ମନୁଷ୍ୟ ଶିଖିଲା ମୃତ୍ୟୁ
ପିତୃପକ୍ଷ ଉତ୍ତରଦାୟିତ୍ୱ

ଶ୍ରାଦ୍ଧ ନୁହେଁ କେବଳ ପାର୍ବଣ
ପିତୃପକ୍ଷ ନୁହେଁ ଖାଲି ଅନ୍ଧାରର ଗାଥା
ସ୍ୱଧା ନୁହେଁ ତିଳ, ତଣ୍ଡୁଳ, ତିଳୋଦକ
ପିଣ୍ଡଦାନ ନୁହେଁ କେବଳ ତର୍ପଣ, ଅର୍ଘ୍ୟ,
ଚନ୍ଦନ, ସୁଆଁଫୁଲ, ଲେପଭାଗ...

ଶ୍ରାଦ୍ଧ ମନୁଷ୍ୟତାର ଋଣ ଉତ୍ତାର ଗୀତ
ପିତୃପକ୍ଷ ଅନୁଗ୍ରହର ଅନନ୍ତ ଅଦୃଶ୍ୟ ଆକାଶ

ଯେଉଁଠି ମୃତ୍ୟୁ ଶୁଣାଏ ଜୀବନକୁ
ପିତା ରୁଦ୍ର, ପିତାମହ ବସୁ ଓ ପ୍ରପିତାମହ ଆଦିତ୍ୟ
କାନଡ଼େରି ଶୁଣ, ଦୂରରୁ ଶୁଭୁଚି

ଓଁ ବ୍ରହ୍ମା ତୃପ୍ୟନ୍ତାମ୍
ହେ ବିଷ୍ଣୁ, ରୁଦ୍ର, ପ୍ରଜାପତି,
ଗନ୍ଧର୍ବ, ସମ୍ବତ୍ସରସାବୟବ, ନାଗ,
ଯକ୍ଷ ବନସ୍ପତି ଆଦି ଦେବଗଣ
ତୃପ୍ତ ହୁଅ...

ଓଁ ମରୀଚିଃ ତୃପ୍ୟନ୍ତାମ୍
ହେ ଅତ୍ରି, ଅଙ୍ଗିରା, କ୍ରତୁ, ବଶିଷ୍ଠ,
ପ୍ରଚେତା, ଭୃଗୁ, ନାରଦ ଆଦି ମୁନିଗଣ
ତୃପ୍ତ ହୁଅ...

ଓଁ ସନକଃ ତୃପ୍ୟନ୍ତାମ୍
ହେ ସନନ୍ଦ, ସନାତନ, କପିଳ,
ଆସୁରୀ, ବୋଢୁ ଆଦି ଦିବ୍ୟ ମନୁଷ୍ୟ
ତୃପ୍ତ ହୁଅ...

ଓଁ କବ୍ୟବାଡ଼ନଳଃ ତୃପ୍ୟନ୍ତାମ୍
ହେ ସୋମ ଯମ ଅର୍ଯ୍ୟମା ଅଗ୍ନିଷ୍ୱାତ୍ତା ଆଦି
ଏକାଦଶ ପିତୃ ଶ୍ରେଣୀ
ତୃପ୍ତ ହୁଅ... ତୃପ୍ତ ହୁଅ... ତୃପ୍ତ ହୁଅ....


♥ ଅଧ୍ୟକ୍ଷ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ସତ୍ୟବାଦୀ, ପୁରୀ
ମୋ:୯୨୩୮୮୩୧୬୫୮

# ଠକିଦେଲେ ନେତା ପ୍ରଶାସନ: ଶେଷରେ ଆନ୍ଦୋଳନକୁ ଓହ୍ଲାଇଲେ ଖଇରାର ସ୍ୱାଭିମାନ




ଖଇରା, ୧୫/୦୯ (ନି.ପ୍ର): ଖଇରାକୁ ଏନଏସି କରିବାକୁ ଖଇରାବାସୀ ନେତା ମନ୍ତ୍ରୀ ଓ ପ୍ରଶାସନ ସମସ୍ତଙ୍କୁ ଗୁହାରୀ କଲେ ମଧ୍ୟ କେହିବି କର୍ଣ୍ଣପାତ କରିଲେ ନାହିଁ । ତାଲିକାରୁ ବାଦ ପଡିବା ଦିନ ଠାରୁ ବ୍ଲକରୁ ରାଜ୍ୟ ଯାଏ ଦାବିପତ୍ର ପ୍ରଦାନ କରାଯିବା ସହ ଖଇରା ବନ୍ଦ ଭଳି ପଦକ୍ଷେପ ମଧ୍ୟ ନିଆଯାଇଥିଲା । ହେଲେ ଖଇରାବାସୀଙ୍କ ଠାରୁ ଆଶାତୀତ ଭୋଟପାଇ ଆସନରେ ବସିଥିବା ଲୋକପ୍ରତିନିଧି ଏହାକୁ ଗୁରୁତ୍ୱ ଦେଲେନାହିଁ । ଶେଷରେ ବାଧ୍ୟ ହୋଇ ଖଇରାର ସମସ୍ତ ସଙ୍ଗଠନ ସମର୍ଥନରେ ଗଠିତ ଖଇରା ସ୍ୱାଭିମାନ ମଞ୍ଚ ପକ୍ଷରୁ ଖଇରା ବ୍ଲକ ଗେଟ ସମ୍ମୁଖରେ ସୋମବାର ସକାଳ ୯ଘଟିକା ଠାରୁ ଗଣଧାରଣା ଆରମ୍ଭ ହୋଇଛି । ଏଥିରେ ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାମ୍ବାଦିକ ସଂଘ, ଜନଜାଗରଣ ମଞ୍ଚ ,ଆଞ୍ଚଳିକ ବ୍ରାହ୍ମଣ ସମିତି, ପ୍ରତିଭା ପରିବାର, ଖଇରା ବିକାଶ ପରିଷଦ,ସାହିତ୍ୟ ସଂସଦ,ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନ,ରାଧାକୃଷ୍ଣ ୟୁଥ କ୍ଲବ,ଶ୍ରୀ ଗଣେଶ ପୂଜା କମିଟି, ଲିଜେଣ୍ଡ ଲାୟନ୍ସ କ୍ଲବ ର ସଦସ୍ୟ ମାନେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି । ସଙ୍ଗଠନର କର୍ମକର୍ତ୍ତା ମାନେ ବକ୍ତବ୍ୟ ପ୍ରଦାନ ଅବସରରେ ଯେଉଁ ଲୋକପ୍ରତିନିଧି ଦିନେ ବିରୋଧରେ ରହି ଏନଏସି ଦାବି କରୁଥିଲେ ଆଜି କ୍ଷମତାର ମୋହରେ ଅନ୍ଧ ହୋଇ ଖଇରା ଏନଏସି ହେଲେ ସାଧାରଣ ଲୋକଙ୍କୁ ଟ୍ୟାକ୍ସ ବୋଝ ପଡିବ ବୋଲି କହି ଖଇରା ବାସୀଙ୍କୁ ଅପମାନିତ କରିଛନ୍ତି । ଗଣତନ୍ତ୍ରରେ ଜନସାଧାରଣଙ୍କ ହାତରେ ଅନେକ କିଛି କ୍ଷମତା ରହିଛି । ହୁଏତ ଯଦି ଖଇରା ପ୍ରତି ଏହି କ୍ଷମତାଧାରୀଙ୍କ ଉପେକ୍ଷା ଜାରି ରହେ ତେବେ ନେପାଳ ଭଳି ପରିସ୍ଥିତି ସୃଷ୍ଟି ହେବାକୁ ବେଶି ସମୟ ଲାଗିବ ନାହିଁ । ଆଉ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବାକୁ ଥିବା ଧାରଣା ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ଯାହାବି ପରିସ୍ଥିତି ସୃଷ୍ଟି ହେବ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ । ସିମୁଳିଆର ପ୍ରାକ୍ତନ ବିଧାୟକ ତଥା ଜିଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉକ୍ତ ଗଣଧାରଣାକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ । ତାଙ୍କ ସରକାର ଏନଏସି ତାଲିକାରେ ଖଇରା ସମେତ ୫୭ଟି ସହରକୁ ଏଏନସି ମାନ୍ୟତା ଦେଇଥିଲା । ଏଥିରୁ ମାତ୍ର ୧୮ଟି ନିଆଯାଇଛି । ଖଇରା ସମେତ ୩୯ଟି ସହରବାସୀ ହକକୁ ବିଜେପି ସରକାର ଛଡାଇନେବା ଅଗଣତାନ୍ତ୍ରିକ । ଘୋଷଣା ନହେବା ପର୍ଯ୍ୟନ୍ତ ମଞ୍ଚକୁ ସମର୍ଥନ ଜାରି ରଖିବେ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ । ଯଦି କିଛି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ନେତା ସହିତ ପ୍ରଶାସନ ଦାୟୀ ରହିବ ବୋଲି ଉପସ୍ଥିତ ଆନ୍ଦୋଳନ କାରୀମାନେ ଚେତାବନୀ ଦେଇଛନ୍ତି ।

## ହିନ୍ଦୀ ଦିବସ ପାଳିତ

ଜୟପୁର, ୧୫/୦୯ (ନି.ପ୍ର): ରାଷ୍ଟ୍ରୀୟ ହିନ୍ଦୀ ଦିବସ । ଏହି ଉପଲକ୍ଷେ ଜୟପୁର ସିଟି ଗାର୍ଲସ ହାଇସ୍କୁଲ ଠାରେ ହିନ୍ଦୀ ଦିବସ ପାଳନ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଜୀବନ ବୀମା କର୍ପୋରେସନର ହିନ୍ଦୀ ଅନୁବାଦକ ମହେନ୍ଦ୍ର କୁମାର ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଏବଂ ସଙ୍ଗୀତଜ୍ଞ ତଥା ରମଣ ମେମୋରିଆଲ ଟ୍ରଷ୍ଟ ସଭ୍ୟ ଧିରେନ ମୋହନ ପଟନାୟକ ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାଧା ମୋହନ ପଣ୍ଡା, ମହମ୍ମଦ ୱାହେଦ ସାରିଫ, ତେଲୁଗୁ ସାଂସ୍କୃତିକ ସମିତି ସଭାପତି ବିରେଶ ପଟ୍ଟନାୟକ, ସିଟି ଇଂଲିଶ ମିଡିୟମ ସ୍କୁଲ ପ୍ରିନସିପାଲ ସୁଧାକର ପଟନାୟଜ, ସିଟି ଇଂଲିଶ ମିଡିୟମ ସ୍କୁଲ ସଭାପତି ଆରକୁଲୁ ଶ୍ରୀନିଭାସ ରାଓ ଯୋଗଦେଇ ହିନ୍ଦୀ ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ । ଏହି ଅବସରରେ ବକ୍ତା ମାନେ ଜୟପୁରରେ ହିନ୍ଦୀ ପ୍ରଚାର ସମିତିର ମୁଖ୍ୟ ପ୍ରଚାରକ ସ୍ୱର୍ଗତ ରମଣ ସାର ଙ୍କ ହିନ୍ଦୀର ପ୍ରସାର ପାଇଁ ଶେଷ ନିଶ୍ୱାସ ଯାଏଁ ନିସ୍ୱାର୍ଥପର ଚେଷ୍ଟା ଜାରୀ ରଖିଥିବା କଥା କହିଥିଲେ ।

# ସ୍ମରଣିକା 'ଉଦୟନ' ଉନ୍ମୋଚିତ



ବାଲେଶ୍ୱର, ୧୫/୦୯ (ନି.ପ୍ର): ଚାନ୍ଦିପୁରସ୍ଥ ପ୍ରୁଫ୍‌ର ବୈଜ୍ଞାନିକ, ଶିକ୍ଷାବିତ୍, ଲେଖକ ତଥା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସକ୍ରିୟ ସଦସ୍ୟ ସ୍ୱର୍ଗତଃ ଉଦୟ ଚନ୍ଦ୍ର ଦାସଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ଉଦୟନ'କୁ ବସ୍ତାର ବିଧାୟିକା ତଥା 'ରେବତୀ'ର ସମ୍ପାଦିକା ଶ୍ରୀମତୀ ସୁବାସିନୀ ଜେନା ସୁନହଟସ୍ଥିତ ବାସଭବନଠାରେ ଆୟୋଜିତ ସ୍ମୃତିସଭାରେ ଉନ୍ମୋଚନ କରିଛନ୍ତି । ଲୋକସେବା ଭବନ ଇଣ୍ଡଷ୍ଟ୍ରି ବିଭାଗର ଅବସରପ୍ରାପ୍ତ ଉପ ବିଭାଗ ଅଧିକାରୀ ତଥା ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାକୁ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବେ ବାଲିଖଣ୍ଡ ମହାବିଦ୍ୟାଳୟର ଇତିହାସ ବିଭାଗ ପ୍ରଧାପକ ନୀରଦ କୁମାର ଜେନା, ପୂର୍ବତନ ସରପଂଚ ତଥା ସମାଜସେବୀ ଜୟନ୍ତ କୁମାର ମିଶ୍ର, ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହେରା, ଶିକ୍ଷକ ନାରାୟଣ ମହାରଣା, ପୂର୍ବତନ ସରପଂଚ ଦାଶରଥି ମହାରଣା, ପ୍ରାକ୍ତନ ସରପଂଚ ଦୀପକ କୁମାର ଖିଲାର, ସମାଜସେବୀ ନଟବର ମହାନ୍ତି ଯୋଗଦାନ କରି ସ୍ୱର୍ଗତଃ ଉଦୟ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଏହି ସଭାକୁ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀ ପ୍ରମୋଦ କୁମାର ଦାସ, ନୂଆଗାଁ ବ୍ଲକ୍ ମଣ୍ଡଳ ମତ୍ସ୍ୟ ଅଧିକାରୀ ଡ଼. ସୁଧାଂଶୁ ଶେଖର ବେହେରା, ପ୍ରୁଫ୍‌ର ଅବସରପ୍ରାପ୍ତ କାରିଗର ଶ୍ରୀଧର ବିନ୍ଧାଣୀ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ସୁଜ୍ୟୋତ୍ସ୍ନା ଜେନା, ଶିକ୍ଷୟିତ୍ରୀ ପୁଷ୍ପିତା ଦାସ, ଆଡଭୋକେଟ୍ ଉର୍ମିମାଳା ଦାସ, ଇଂଜିନିୟର ତାପସ ରଂଜନ ଦାସ, ଅତିରିକ୍ତ ତହସିଲଦାର କମନ୍ଦନ ମାଝୀ, ଗାଳ୍ପିକା ଡ଼. ନିବେଦିତା ଦାସ, ଶିକ୍ଷୟିତ୍ରୀ ବନ୍ଦନା ପାଣି, ଶିକ୍ଷୟିତ୍ରୀ ଗୀତାରାଣୀ ଦାସ, ଉମେଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ସୁଲୋଚନା ସେନାପତି, ମାନସ ରଂଜନ ଦାସ ଓ ସୁଭଦ୍ରା ଦାସ ପରିଚାଳନା କରିଥିଲେ । ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପରିସରରେ ସେବାକାରୀ ପ୍ରମିଳା ଭଉଣୀ, ଯୋଗଗୁରୁ ସୁଜିତ କୁମାର ଜେନା ଓ ବ୍ରହ୍ମାକୁମାରୀ ମିନତୀଙ୍କ ସଂଚାଳନାରେ ସ୍ମୃତିସଭା ଆୟୋଜିତ ହୋଇଥିଲା । ଏହି ସ୍ମୃତିସଭାରେ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ବୈଷ୍ଣବ ସମ୍ପ୍ରଦାୟ ସହ ବହୁ ଲେଖକ, ସାହିତ୍ୟିକ ଯୋଗଦାନ କରିଥିଲେ ।

# ସ୍ୱଷ୍ଟ ଦିବାଲୋକରେ ତାଲା ଭାଙ୍ଗି ସୁନାରୂପା ଅଳଙ୍କାର,୩୫ ହଜାର ଟଙ୍କା ଲୁଟିନେଲେ

ବେତନଟୀ, ୧୫/୦୯ (ନି.ପ୍ର): ମାତ୍ର ୪୦ମିନିଟ ପାଇଁ ଘର ଛାଡି ଯାଇଥିବା ବେଳେ ଫେରିବା ବେଳକୁ ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ସମେତ ନଗଦ ୩୫ ହଜାର ଟଙ୍କା ଚୋରିକୁ ନେଇ ବେତନଟୀ ପୁଲିସ ମାମଲା ରୁଜୁକରିବା ସହିତ ସରଜମିନ ତଦନ୍ତକରି ଫେରିଛି । ସ୍ୱଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ତଥା ବ୍ୟସ୍ତବହୁଳ ବାରିପଦା- ଚିତ୍ରଡ଼ା ରାଜ୍ୟରାଜପଥର ଭାଲିଆଡିହା ଛକରେ ଘଟିଛି ଏଭଳି ଘଟଣା । ଏତଲାକାରୀ ଭାଲିଆଡିହା ଗ୍ରାମର ଗଣେଶ୍ୱର ମହାନ୍ତଙ୍କ ପୁଅ ହରେକୃଷ୍ଣ ମହାନ୍ତଙ୍କ ଅଭିଯୋଗ ମୁତାବକ ସେ କୌଣସି କାମରେ ବାରିପଦା ଯାଇଥିଲେ । ଘରେ ସ୍ତ୍ରୀ ଏବଂ ସମ୍ପର୍କୀୟ ମାନେ ଥିବାବେଳେ ସମ୍ପର୍କୀୟ ମାନଙ୍କୁ ଟ୍ରେନରେ ଚଢାଇବାକୁ ହରେକୃଷ୍ଣଙ୍କ ସ୍ତ୍ରୀ ନିକଟସ୍ଥ ଜାମଶୋଳ ଷ୍ଟେସନ ଆସିଥିଲେ । ମାତ୍ର ୪୦ମିନିଟ ପାଖାପାଖି ପରେ ଅପରାହ୍ନ ୧ଟା ସମୟରେ ଘରେ ପହଞ୍ଚିବା ବେଳକୁ ଘରର ତାଲା ଭଙ୍ଗାଯାଇ ଥିବାର ହରେକୃଷ୍ଣଙ୍କ ସ୍ତ୍ରୀ ଦେଖିବାପରେ ସମସ୍ତଙ୍କୁ ଫୋନକରି ଜଣାଇଥିଲେ । ହରେକୃଷ୍ଣ ସଙ୍ଗେସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ବେତନଟୀ ପୁଲିସକୁ ଜଣାଇଥିଲେ । ଖବରପାଇ ବେତନଟୀ ଥାନା ଏସଆଇ ମଦନମୋହନ ପରିଡା ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଥିଲେ । ହରେକୃଷ୍ଣଙ୍କ ଅଭିଯୋଗ ମୁତାବକ ଚୋରମାନେ ଘରର ତାଲା ଏବଂ ଅଲମିରା ଭାଙ୍ଗି ଗୋଟିଏ ସୁନାଚେନ, ହଳେ ସୁନା କାନଫୁଲ, ସୁନାମୁଦି ଗୋଟିଏ, ରୂପା ପାଉଁଜି ସମେତ ଦୋକାନ ବ୍ୟବସାୟ ବାବଦକୁ ଥିବା ନଗଦ ୩୫ ହଜାର ଟଙ୍କା ଚୋରିକରି ନେଇଥିଲେ । ତେବେ ସ୍ୱଷ୍ଟ ଦିବାଲୋକରେ ମାତ୍ର ୪୦ମିନିଟ ମଧ୍ୟରେ ବ୍ୟସ୍ତବହୁଳ ଜନଗହଳିପୂର୍ଣ୍ଣ ରାସ୍ତାପାର୍ଶ୍ୱ ଘରୁ ତାଲା ଭାଙ୍ଗି ଚୋରି କରିବା ଘଟଣା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

# ଦିନ ଦ୍ୱି-ପ୍ରହରରେ ଗୋ ଚାଲାଣ: ଓଡ଼ିଶାରୁ ପଶ୍ଚିମବଙ୍ଗ ଯିବା ସମୟ ପିଛା କରିଥିଲେ ବଜରଙ୍ଗ ଦଳର କର୍ମୀ

ଜଲେଶ୍ୱର, ୧୫/୦୯ (ନି.ପ୍ର): ଜଲେଶ୍ୱର ଥାନା ଇଲାକାରେ ଏବେ ଗୋ ଚୋରା ଚାଲାଣର ଭୂସ୍ୱର୍ଗ ପାଲଟିଛି । ପ୍ରତିଦିନ ବିଭିନ୍ନ ସ୍ଥାନରୁ ଗୋରୁଗାଇ ସଂଗ୍ରହ କରି ବିଭିନ୍ନ ଚୋରା ରାସ୍ତାରେ ଏନ୍ ଏଚ ୬୦ କୁ ଆଣି ଚଲେଇ ଚଲେଇ ବୋର୍ଡ଼ର୍ ପାର କରି ସେଠାରୁ କୋଲକାତା ସମେତ ଦେଶର ଅନ୍ୟ କଂସେଇ ଖାନାକୁ ଚାଲାଣ କରାଯାଉଛି ବୋଲିଅଭିଯୋଗ ହେଉଛି । କୁହା ଯାଉଛିଗୋ ମାଫିଆ ମାନେ ଜଲେଶ୍ୱର,ବାଲିଆପାଳ ଓ ବସ୍ତା ବ୍ଲକର ବିଭିନ୍ନ ସ୍ଥାନରୁ ଗୋ ଚାଷୀଙ୍କୁ ଅର୍ଥର ଲାଳସା ଦେଖାଇ ଗୋରୁଗାଇ କିଣିବା ଆରମ୍ଭ କରିଛନ୍ତି । ପ୍ରତିମାସରେ ଶହ ଶହ ସଙ୍ଖ୍ୟାରେ ଏହିଗୋଚାଲାଣ ହେଉଥିବା କୁହାଯାଇଛି । ଆଜିଦିନ ୧୦.୩୦ ମିନିଟ ସମୟରେ ଜଲେଶ୍ୱର ଏନ୍ ଏଚ ୬୦ ନନ୍ଦିକା ସାଇରାମ ହୋଟେଲ ପାଖାପାଖି ୯ ଟି ଗୋରୁ ଓ ଗାଇ ଚଲେଇ ଚଲେଇ ନେଉଥିବାବେଳେ ବଜରଙ୍ଗ ଦଳର କର୍ମୀ ମାନେ ପଛରୁ ପିଛା କରି ସେଠାରେ ଅଟକ ରଖି ଜଲେଶ୍ୱର ପୁଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ୯ ଟି ଗୋରୁ କୁ ଆଣି ସାନ୍ତିଆ ସ୍ଥିତ ଷ୍ଟାଡିୟମ୍ ପରିସରରେ ରଖିଛି । ତା ସହିତ ତିନି ଜଣକୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି । ବଜରଙ୍ଗ ଦଳର ସଂଯୋଜକ ସାଗର ଦାସ, ସହ ସଂଯୋଜକ ସଂଗ୍ରାମ ଜେନା, ଗଜେନ୍ଦ୍ରଖମାରୀ, ବିପ୍ଳବ ପ୍ରଧାନ, ରାଜେଶ ଖଟୁଆ, ଜୟକୃଷ୍ଣ ପ୍ରାମାଣିକ, ଚନ୍ଦନ ସେନାପତି, ଅଙ୍କିତ ଓଝା, ରତନ କୁମାର ଦାସ ପ୍ରମୁଖ କର୍ମକର୍ତ୍ତା ମାନେ ଏହି ଗୋ ଚାଲାଣ ରୋକ୍ ଦେବାର ସହଯୋଗ କରିଥିଲେ ।

## ରୋଟାରୀ କ୍ଲବ ଜୟପୁର ପ୍ରାଇଡ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର, ୧୫/୦୯ (ନି.ପ୍ର): ରୋଟାରୀ କ୍ଲବ ଜୟପୁର ପ୍ରାଇଡ ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜୟପୁର ନିକଟସ୍ଥ ସରସ୍ୱତୀ ପେଟ୍ରୋଲ ପମ୍ପ, ଉମୁରିଗ୍ରାମ ଆୟୋଜନ କରାଯାଇଥିଲା ଓ ଏହି ବୃକ୍ଷ ରୋପଣରେ ରୋଟାରି କ୍ଲବ ର ରୋଟାରୀଆନ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସଭାପତି ପ୍ରଦୀପ କୁମାର ସାହୁ, ଉପ ସଭାପତି ରବି ନନ୍ଦ, ସମ୍ପାଦକ ରାମନାଥ ସାହୁ, ଯୋନାଲ ଚେୟାର, ଜିଭି ରାଓ, ରାମହରି ପଣ୍ଡା, କାଲୁରାମ ପଣ୍ଡା, ପ୍ରଭାକର ଚୌଧୁରୀ, ମୁରଲୀଧର ସାବତ, ନରେଶ ମହାକୁଳ, ସ୍ନେହିତ ମିଶ୍ର, କାଲୁ ରାମ ପଣ୍ଡା, ପରେଶ ପାଲ, ନରେଶ ମହାକୁଳ, ଜ୍ୟୋତି ଭୋଇ, ହରି ପ୍ରସାଦ ଓ ମହିଳା ରୋଟାରୀଆନ ବର୍ଷା ବର୍ଣ୍ଣଓଲୀ ପ୍ରମୁଖ ଯୋଗଦାନ ପୂର୍ବକ ବୃକ୍ଷ ରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ଓଏହି କାର୍ଯ୍ୟକ୍ରମରେ ଜୟପୁରର ଉଦ୍ୟାନବିତ ଅଧିକାରୀ ମଧ ଯୋଗଦାନ କରିଥିଲେ । ତତପରେ ଜୟପୁରର ପଲିଗୁଡା ଗୋଶାଳା ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଓଜିସିଟିଏ ସଂଘର ନୂତନ କାର୍ଯ୍ୟନିର୍ବାହୀ ସଭ୍ୟମାନଙ୍କ ଦାୟିତ୍ୱ ଗ୍ରହଣ

ଭଦ୍ରକ, ୧୫/୦୯ (ନି.ପ୍ର): ଓଡ଼ିଶା ଗଭର୍ନମେଂଟ କଲେଜ ଟିଚର୍ସ' ଆସୋସିଏସନ୍ (ଓଜିସିଟିଏ) ର ୨୦୨୫-୨୭ ଅବଧି ପାଇଁ କାର୍ଯ୍ୟନିର୍ବାହୀ ସଭ୍ୟମାନଙ୍କ ନିର୍ବାଚନ ସମଗ୍ର ରାଜ୍ୟର ୭୬ଟି ସରକାରୀ କଲେଜ ବା ବୁଥ୍ ଗୁଡିକରେ ୪ ସେପ୍ଟେମ୍ବର ୨୦୨୫ ତାରିଖରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ୨୦୦୦ରୁ ଅଧିକ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ । ନିର୍ବାଚନ ର ଫଳାଫଳ ୧୨ ସେପଟ୍ଟେମ୍ବର ୨୦୨୫ରେ ଘୋଷଣା କରାଯାଇଛି । ଡ: ବିରଜାଶଙ୍କର ପଟ୍ଟନାୟକ ସଭାପତି , ଡ: ରତନ ଆଚାର୍ଯ୍ୟ ଉପସଭାପତି ,ଡ: ସଞ୍ଜୟ କୁମାର ଦତ ସାଧାରଣ ସମ୍ପାଦକ , ଡ: ଜ୍ଞାନ ରଞ୍ଜନ ଦାସ ସଂଯୁକ୍ତ ସମ୍ପାଦକ ଓ ଅରବିନ୍ଦ ଦାସ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଏହା ସହିତ, କେନ୍ଦ୍ରୀୟ ପରିଷଦ ସଦସ୍ୟ, ମଣ୍ଡଳୀୟ ଉପାଧକ୍ଷ ଓ ମଣ୍ଡଳୀୟ ସଚିବ ପାଇଁ ୯ ଜଣ ସଦସ୍ୟ ଯଥା ବିନୋଦ କୁମାର ମଲ୍ଲିକ ,ମିଳୀମିତା ପାଢ଼ୀ , ବିଭୁଦତ ବେହେରା ,କବିରାଜ ବେହେରା ,ସୂର୍ଯ୍ୟକାନ୍ତ ନାୟକ ,ଦୀପକ ମହାନ୍ତି, ନରେନ୍ଦ୍ର ନାଥ ନାୟକ , ସ୍ୱପ୍ନା ,ସରିତା ମହାପାତ୍ର ଓ ସନ୍ତୋଷ ବେହେରା ନିର୍ବାଚିତ ହୋଇଛନ୍ତି । ନୂତନ କାର୍ଯ୍ୟନିର୍ବାହୀ ସଭ୍ୟମାନଙ୍କର ଶପଥ ଗ୍ରହଣ ୧୪ ସେପ୍ଟେମ୍ବର ୨୦୨୫ରେ ଭୁବନେଶ୍ୱରର ଗୀତଗୋବିନ୍ଦ ସଦନର ଅଡିଟୋରିଅମ୍ ହଲରେ ଆୟୋଜିତ ହୋଇଯାଇଛି । ଏହି ଶପଥ ସମାରୋହ ରେ ପୂର୍ବତନ ସମ୍ପାଦକ ନାରାୟଣ ମହାନ୍ତି ଓ ଦେବାଶିଷ ମହାନ୍ତି ,ପୂର୍ବତନ ସଭାପତି ଡ: ପ୍ରଣତି ଦାସ ଓ ଡ: ମାନସ ବେହେରା ଏବଂ ଏଫଏମ୍ କଲେଜ ର ଅଧକ୍ଷ ଡ଼: ଦିନେଶ ଚନ୍ଦ୍ର ଦାସ ଉପସ୍ଥିତ ରହି ନବନିର୍ବାଚିତ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣେଇବା ସହିତ ମାର୍ଗଦର୍ଶନ କରିଥିଲେ । ସଭା ପରିଚାଳନା କରିଥିଲେ ଡ଼: ସୁବ୍ରତ ସାମଲ, ଶପଥ ପାଠ କରିଥିଲେ ଡ଼:ବିଶ୍ୱଜିତ ମହାପାତ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ଡ଼: ପଦ୍ମନାଭ ପତ୍ରୀ । ସଂଗଠନର ସଂବିଧାନ ଅନୁସାରେ ଏହି ନିର୍ବାଚିତ ଦଳ ଦୁଇ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟଭାର ଗ୍ରହଣ କରିବେ । ୧୯୪୬ ରୁ ଓଡ଼ିଶା ସରକାରଙ୍କ ଗୃହ ବିଭାଗର ସ୍ୱୀକୃତିପ୍ରାପ୍ତ ଓଜିସିଟିଏ, ଓଡ଼ିଶାର ସରକାରୀ କଲେଜ ଶିକ୍ଷକମାନଙ୍କ ପ୍ରତିନିଧି ସଂଗଠନ ଭାବେ ପରିଚିତ । ଏହି ସଂଗଠନ ସରକାରୀ କଲେଜ ଶିକ୍ଷକମାନଙ୍କର ହିତସୁରକ୍ଷା କରିବା ସହିତ ରାଜ୍ୟର ଶିକ୍ଷାଗତ ଉନ୍ନୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସିଛି ।

# ଅପରାଜିତା-୨୦୨୫ ସ୍ମରଣିକା ପ୍ରକାଶ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୧୫/୦୯ (ନି.ପ୍ର): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଦଶହରା ମହୋତ୍ସବ କମିଟି ଏକ ସ୍ମରଣିକା ପ୍ରକାଶ କରିବେ । ଏହାର ଏକ ପ୍ରସ୍ତୁତି ବୈଠକ ଜୟପୁର ମାନ୍ୟବର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକଙ୍କ ପୃଷ୍ଠପୋଷକତାରେ ' ଅପରାଜିତା-୨୦୨୫ ' ନାମିତ ଏହି ସ୍ମରଣିକାରେ ଜୟପୁରର ଐତିହ୍ୟ, ଗୌରବ ଓ ଗବେଷଣାତ୍ମକ ଲେଖା ମାନ ପ୍ରକାଶ ପାଇବ । ଏଥିରେ ଡ. ପରେଶ୍ ରଥ ସମ୍ପାଦକ ଓ ସମ୍ପାଦନା ମଣ୍ଡଳୀରେ ଡ. ସୁରେଶ ଦାସ, ନବକୃଷ୍ଣ ରଥ, ହରିହର କରସୁଧା ପଟ୍ଟନାୟକ, ଡ.ସୁଧାଂଶୁ ଶେଖର ପଟ୍ଟନାୟକ, ଶ୍ରୀନାଥ ମିଶ୍ର, ନିହାର ରଞ୍ଜନ ବିଶୋଇ ପ୍ରମୁଖ ରହିଛନ୍ତି । ଅଂଚଳର ଜ୍ଞାନୀ, ଗୁଣି ଲେଖକ ଓ ଗବେଷକ ମାନଙ୍କ ଠାରୁ ଲେଖା ସଂଗ୍ରହ ପାଇଁ ଆହ୍ୱାନ କରାଯାଇଛି ।

# ଆମ ପୋଲିସ ବୈଠକ ଅନୁଷ୍ଠିତ

ଜୟପୁର, ୧୫/୦୯ (ନି.ପ୍ର): ଜୟପୁର ଟାଉନ ଥାନା ପକ୍ଷରୁ ସ୍ଥାନୀୟ ଜେଇଏଲସି ସଭାଗୃହ ଠାରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଉପସ୍ଥିତ ରହି ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ସମୟରେ ଶିକ୍ଷିତ ଓ ଅଶିକ୍ଷିତ ଜନସଧାରଣ ଠକେଇ, ଚୋରି, ସ୍ପିଡ ବାଇକ ଚଲାଇ ଦୁର୍ଘଟଣା ଘଟାଇବା ଆଦି କୁସଂସ୍କାରର ସମ୍ମୁଖୀନ ହେଉଛନ୍ତି । ଗଣ ସଚେତନତା ମାଧମରେ ଲୋକଙ୍କ ନିକଟତର ହୋଇ ପୁଲିସ ଲୋକଙ୍କୁ ସୁରକ୍ଷା ଦେବା ସହ ପୁଲିସ ପବ୍ଲିକର ସେତୁ ରୁପେ କାର୍ଯ୍ୟ ପାଇଁ ଅଣ୍ଟା ଭିଡିଛି । ଚୋରି ହାରି ରୋକିବା ନିମନ୍ତେ ସିସିଟିଭି କ୍ୟାମେରା ଲଗାଇବାର ଆବଶ୍ୟକତା ରହିଛି । ସନିୟର ସିଟିଜେନ କର୍ଡ ପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବେଦନ କଲେ ପୁଲିସ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ । ବିଭିନ୍ନ ଆଳରେ ଦଲାଲ ମାନେ ଜୟପୁର ସହରରେ ଘୁରି ବୁଲୁଛନ୍ତି ସେମାନଙ୍କୁ ସନ୍ଦେହ ହେଲେ ପୁଲିସ ସହାୟତା ପାଇଁ ପରାମର୍ଶ ଦେଇଥିଲେ । କିପରି ଶାନ୍ତି ଶୃଙ୍ଖଳା ବଜାୟ ରହିବ ସେନେଇ ଆଲୋଚନା କରିଥିଲେ । ମଦ କାରବାରକୁ ରୋଇବା, ନାବାଳକମାନଙ୍କୁ ବାଇକ ଚଲାଇବା ପାଇଁ ନଦେବା ସହ ସାଇବର କ୍ରାଇମ ଉପରେ ଆଲୋଚନା କରିଥିଲେ । ଏବଂ ସମସ୍ତେ ବାଇକ ଚଲାଇବା ସମୟରେ ଟ୍ରାଫିକ ରୁଲ ମାନିବା ସହ ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଯେ କୌଣସି ସମୟରେ ମଧ ଆମ ପୁଲିସ ସହ ଯୋଗାଯୋଗ କଲେ ତୁରନ୍ତ ଘଟଣା ସ୍ଥଳରେ ପୁଲିସ ପହଁଚିବ ଏବଂ ସୂଚନା ଦେବା ଲୋକଙ୍କ ନାମ ଗୋପନ ରହିବ ବୋଲି ଆଲୋଚନା ହୋଇଥିଲା । ଏହି ବୈଠକରେ ପୁଲିସ ବିଭାଗ ପକ୍ଷରୁ ସିଦ୍ଧାନ୍ତ ବେହେରା, ରୁଚିକାନ୍ତ ମହାକୁର, ରାଜେନ୍ଦ୍ର ପାର୍ଙ୍ଗି, ନବୀନ ଚୌଧୁରୀ,ଏଏସଆଇ ସତ୍ୟବାଦୀ ନାୟକ, ସପନ କୁମାର ମିଶ୍ରଙ୍କ ସମେତ ଜେଇଏଲସି କର୍ଯ୍ୟକର୍ତ୍ତା ଡିନ ହିମାଙ୍ଗୁ ଶେଖର ଚଣ୍ଡାଲ କୋଷାଧକ୍ଷ ଜସବିର ଡାନିୟଲ ପୌଲ ସମ୍ପାଦକ ପ୍ରଫୁଲ ଭତ୍ରା ସଭାପତି ସିନିୟର ସିଟିଜେନ ଉଜ୍ଜ୍ୱଳା ଖରା, ସଭାପତି ଖ୍ରଷ୍ଟିଆନ ଗ୍ରାମ ପଞ୍ଚାୟତ ସୁଧାଂଶୁ ଶେଖର ସିତାରାମ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ପ୍ରଦାନ କରିଥିଲେ ।

# ରାଇକମାରେ ତାଳ ମିଶନ: ଜଙ୍ଗଲ ଅଧିକାରୀଙ୍କ ସହଯୋଗ




ବୈଶିଙ୍ଗା -୧୫/୯- ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ,ରାଇ କମା ଆଶ୍ରମ ବିଦ୍ୟାଳୟ ଓ ବେତନଟୀ ବନାଞ୍ଚଳ ର ମିଳିତ ଆନୁକୁଲ୍ୟରେ ତାଳ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଦୁଇ ବିଦ୍ୟାଳୟର ପ୍ରାୟ ୭୦୦ ରୁ ଅଧିକ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବନବିଭାଗ ର ବହୁ ଅଧିକାରୀ ଏକ ବିରାଟ ଜନସଚେତନତା ରାଲି ରେ ତାଳ ମିଶନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଥିଲେ । ଏହାପରେ ସମସ୍ତ ଛାତ୍ର ଛାତ୍ରୀ ଗୋଟିଏ ଗୋଟିଏ କରି ୭୦୦ତାଳ ମଞ୍ଜି ରାସ୍ତାର ଦୁଇ ପାର୍ଶ୍ୱରେ ରୋପଣ କରିଥିଲେ । ବିଦ୍ୟାଳୟର ପ୍ରଧାଶିକ୍ଷକ ଶ୍ରୀ ଅଜିତ୍ କୁମାର ଜେନା ଓ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେତନଟୀ ବନାଞ୍ଚଳ ଅଧିକାରୀ ମନୁଓ୍ୱାର ଖାଁ, ଓଡ଼ିଶା ବନାଞ୍ଚଳ ପ୍ରକଳ୍ପ ପର୍ଯ୍ୟାୟ -୨ ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଶିକ୍ଷା ନବିଶ ଶୁଭାଶିଷ ମହାପାତ୍ର, ମନିସ ଚୌଧୁରୀ, ପ୍ରଭୁ ଦତ୍ତ ଲୁହା,ଠାକୁରତୋଟା ବନରଖି ସସ୍ମିତା ଦଲେଇ, ବଡାମ ପୁର ବନରକ୍ଷୀ ନମିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ । ଏହି ବିଶିଷ୍ଟ କାର୍ଯ୍ୟ କ୍ରମରେ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ବାରିକ୍, ହରେକୃଷ୍ଣ ମହାନ୍ତ, ସୁଭବନ୍ତ ନାୟକ, ସରସ୍ୱତୀ ଜେନା, ପ୍ରତିମା ପରିଡ଼ା, ସୁକାନ୍ତି ବିଶ୍ୱାଳ, ନୀଳାଖୀ ଦାସ, ଓ ସୁବାସିନି ପରିଡା ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟ କ୍ରମକୁ ସଫଳ କରିଥିଲେ ।

# ୟୁଥ ରେଡ କ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ




ମଙ୍ଗଳପୁର, ୧୫/୦୯ (ନି.ପ୍ର): ମଙ୍ଗଳପୁରସ୍ଥିତ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ ରେଡ କ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇ ଯାଇଛି । ଏଥି ନିମନ୍ତେ ଯୁବ ରେଡ କ୍ରସ ୟୁନିଟ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଶିବିରରେ ଇଂରାଜୀ ବିଭାଗର ମୁଖ୍ୟ ଅଧାପକ ତଥା ୟୁଥ ରେଡ କ୍ରସର କାଉନସେଲର ଡକ୍ଟର ପୁଣ୍ୟବ୍ରତ ମହାନ୍ତି ବିଦ୍ୟାଳୟର ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରିଥିଲେ । ଦୁର୍ଘଟଣା କିମ୍ବା ଅନ୍ୟ କାରଣ ଯୋଗୁଁ ଆଘାତପ୍ରାପ୍ତ ବ୍ୟକ୍ତିଙ୍କର ଯଥାଶୀଘ୍ର (ସୁବର୍ଣ୍ଣ ସମୟରେ) ପ୍ରାଥମିକ ଚିକିତ୍ସା କରି, ତାପରେ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ଉଚିତ ବୋଲି ସେ କହିଥିଲେ । ଏତଦ୍ୱାରା ଆମେ ବହୁ ମୂଲ୍ୟବାନ ଜୀବନ ରକ୍ଷା କରି ପାରିବା ବୋଲି ମଧ ସେ ମତବ୍ୟକ୍ତ କରିଥିଲେ । କାଲାମ ଚାରିଟେବଲ ଟ୍ରଷ୍ଟର ସଭାପତି, ନିଷ୍ଠ ସାଇନ୍ସ କଲେଜର ପ୍ରତିଷ୍ଠାତା ସଦସ୍ୟ ଓ ରସାୟନ ବିଭାଗର ବରିଷ୍ଠ ଅଧାପକ ଡକ୍ଟର ପଙ୍କଜ କୁମାର ଜେନା ଏହି ତାଲିମ ଶିବିରକୁ ଉଦଘାଟନ କରି ସମସ୍ତେ ନିଜ ଅନୁଷ୍ଠାନରେ ଏବଂ ପ୍ରତ୍ୟେକ ଘରେ ଗୋଟିଏ ଲେଖାଏଁ ଫାର୍ଷ୍ଟ ଏଡ ବକ୍ସ ରଖିବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଶ୍ରୀଯୁକ୍ତ ଅଜୟ କୁମାର ବାରିକ ସଭାର ସଭାପତିତ୍ୱ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଅଧାପିକା ଶ୍ରୀମତୀ ପୁଷ୍ପଲତା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପକ ସତ୍ୟ ନାରାୟଣ ସାହୁ, ପି. ଜି. ଟି. ଗଜେନ୍ଦ୍ର କବି, ଶାନ୍ତନୁ କୁମାର ପାତ୍ର, ମନୋଜ କୁମାର ଶବର, କସ୍ତୁରୀ ପଲତା, ସୁଦେଷ୍ଣା ଦାଶମହାପାତ୍ର, ଇତିଶ୍ରୀ ମହଲା, ଡି. ଇ. ଓ. ଭରତ ଚନ୍ଦ୍ର ମାହାନା ଏବଂ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ସକ୍ରିୟ ସହଯୋଗ କରଥିଲେ ।

# ଖତଖାଉଛି ଲକ୍ଷାଧିକ ଟଙ୍କାର ଅତ୍ୟାଧୁନିକ ଯନ୍ତ୍ରପାତି

ମାଲକାନଗିରି, ୧୫/୦୯ (ନି.ପ୍ର): ମାଲକାନଗିରି ନିୟନ୍ତ୍ରୀତ ବଜାର କମିଟି ତରଫରୁ ୨୭ ଲକ୍ଷ ଟଙ୍କାର ଦୁଇଟି ଆଧୁନିକ ଜ୍ଞାନ କୌଶଳଯୁକ୍ତ ଧାନ ସଫେଇ ଯନ୍ତ୍ର ୨୦୨୪ ମସିହାରେ କ୍ରୟକରି ୨୦୨୫ ମସିହାର ବର୍ଷ ଶେଷରେ ସମାଜମଙ୍ଗଳ ବିଭାଗ ମାଧମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ସମ୍ପାଦକ ଦେବୀ ତ୍ରୀପାଠୀ କହିଛନ୍ତି । ଏହି ବିଷୟରେ ମିଶନ୍ ଶକ୍ତି ଡି ପି ଏମ୍ ହର୍ଷାନନ୍ଦ ପ୍ରଧାନ କହିଛନ୍ତି ଏ ବିଷୟରେ ଆମେ ୨୦୨୫ ଜାନୁଆରିରେ ହିଁ ନାମ ଚୟନ କରି ଉପଜିଲ୍ଲାପାଳଙ୍କୁ ଜଣାଇଦେଇଛୁ ବର୍ତ୍ତମାନ ଚଳିତ ମାସ ଏକ ମହିଳା ଗ୍ରୁପ୍ ନାମ ଦେବାକୁ ପତ୍ର ଆସିଛି ଏହି ବିଷୟରେ କାର୍ଯ୍ୟ ଚାଲିଛି, ଅତିଶିଘ୍ର ଆମେ ଏହା ମଧ ଚୟନ କରିଦେବୁ । କଥା ଉଠିଛି ଦୀର୍ଘ ଦିନଧରି କାର୍ଯ୍ୟାଳୟ ସାମନାରେ ଦୁଇଟି ଅତ୍ୟାଧୁନି କ ମୋବାଇଲ୍ ପେଡି କ୍ଲିର୍ନ ଯାହାର ମୁଲ୍ୟ ପ୍ରାୟ ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ଗୋଟିକର ଛକଫାଟି ଆଁ ହୋଇଯାଇଥିବା ବେଳେ ଏକ ବର୍ଷପ୍ରାୟ ଆଉ ଖରାବର୍ଷାରେ ଯନ୍ତ୍ରଗୁଡିକ ପଡିରହିଥିବାରୁ ଏହା ବର୍ତ୍ତମାନ ସଠିକ କାର୍ଯ୍ୟ କରିବ କି ନାହିଁ ସନ୍ଦେହ ଘେରରେ ଘରରେ ରହିଛି ।

## ସମୟର ପ୍ରବାହରେ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଏବେ ମଧ୍ୟ ଓଡ଼ିଶାର ଆଦିବାସୀଙ୍କ ମଧ୍ୟରେ 'ଜାକେରି ପେନୁ', 'ତାନା ପେନୁ' ଓ 'ମୁରବି ପେନୁ'- ଏହି ତିନି ଦେବତା ଗଛ ମୂଳରେ ଏକ ଧାଡ଼ିରେ ଥିବାର ଦେଖାଯାଏ। ଶବର ମାନଙ୍କ ଦେବତା 'କିତୁଙ୍ଗ'ଙ୍କ ଦଶ ରୂପ ଅଛି, 'ଜଗନ୍ତ', 'ଜଗାବୋଇ' ଏହି ଦେବତାଙ୍କର ଅନ୍ୟନାମ। କେତେକଙ୍କ ମତରେ, 'ଜଗନ୍ତ' ଜଗନ୍ନାଥ ଶବ୍ଦର ମୂଳ ଓ ଉପରୋକ୍ତ ଦଶରୂପ ଜଗନ୍ନାଥଙ୍କ ଦଶ ଅବତାରର ମୂଳ ଉତ୍ସ। ଶବରୀମାନଙ୍କ ମଧ୍ୟରେ ମାଳା (ଦାରୁର ବିଶେଷ ରୂପ, ବୃକ୍ଷ ଗଣ୍ଡିର ଅଂଶ) ଅତି ପ୍ରାଚୀନକାଳରୁ ଚଳି ଆସୁଥିବା ପରିଲକ୍ଷିତ ହୁଏ। ମୂର୍ତ୍ତିତତ୍ତ୍ୱ ବିଶେଷଜ୍ଞଙ୍କ ମତରେ, ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ବୃକ୍ଷ ଗଣ୍ଡିର ଅଂଶ ମାତ୍ର ବା ମାଦଳାର ରୂପାନ୍ତର। ଜଗନ୍ନାଥ ସଂସ୍କୃତିର ସ୍ମୃତି ଓ ସାହିତ୍ୟ ମାଦଳା ପାଞ୍ଜିର ଉପଲବ୍ଧ। ଜଗନ୍ନାଥ ମାଦଳାରେ ନାମିତ ହୋଇଥିବାରୁ ତାଙ୍କ ସେବା ପୂଜା ବିଧି ଓ ବିଧାନର ଆଲେଖ୍ୟ ହିଁ ମାଦଳା ପାଞ୍ଜିରେ ଉପଲବ୍ଧ। ଭଗବତ ଗୀତାର ପଞ୍ଚ ଦଶ ଅଧ୍ୟାୟରେ ଚେତନ ଉତ୍ତମ ପୁରୁଷର ପ୍ରତୀକ ହୋଇ ଛିଡ଼ା ହୋଇଛନ୍ତି। ଏହା ମହାନ ଦର୍ଶନର ସାର ହେଲା ଚେତନଶୂନ୍ୟ ଜଡ଼ ଦାରୁ ମଧ୍ୟ ଈଶ୍ୱରତ୍ୱର ଦ୍ୟୋତକ। ସମୟର ପ୍ରବାହର ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ, ଶବର ଦେବତା, ବୌଦ୍ଧ ଦେବତା, ଜୈନ ଦେବତା, ପୁରୁଷୋତ୍ତମ, ଭୈରବ, ଶ୍ରୀକୃଷ୍ଣ, ଶ୍ରୀରାମ, ଗଣପତି ଭଟ୍ଟଙ୍କ ଗଜାନନ ଅଥବା ନିର୍ବିଶେଷବାଦୀଙ୍କର ପ୍ରଣବ ତନୁଧର ଯଜ୍ଞମୂର୍ତ୍ତି ଭାବେ ପରିଚିତ ହୋଇ ଆସିଛନ୍ତି। ଏଣୁ ବାସ୍ତବରେ ସେ ରହସ୍ୟମୟ। ଏସବୁ ସତ୍ତ୍ୱେ ସେ ଦାରୁ ଦେବତାର ସେବା ପୂଜା, ବିଧି ବିଧାନ ଓ ମହିମା ଅନିର୍ବଚନୀୟ ଠିକ ନୀଳ ସାଗରର ଉର୍ମିମାଳା ପରି।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ,
ଦୂରଭାଷ : ୯୪୩୭୨୪୨୩୧୭

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜିର ଦୁଇ...

ଗତ ମେ' ମାସ ୨୨ ତାରିଖରେ ରାୟ ସଂରକ୍ଷିତ କରିଥିଲେ । ସେହିପରି ଯଦି ଦେଶରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରର କାର୍ଯ୍ୟରେ କୌଣସି ଅନିୟମିତତା ଦେଖାଯାଏ, ତେବେ ସମଗ୍ର ପ୍ରକ୍ରିୟାକୁ ବାତିଲ କରିଦିଆଯିବ। ଆଜି ଶୁଣାଣି ବେଳେ ଏଭଳି କହିଛନ୍ତି ସୁପ୍ରିମକୋର୍ଟ। ଆଗାମୀ ତଥା ଚୂଡ଼ାନ୍ତ ଶୁଣାଣି ଅକ୍ଟୋବର ୭ରେ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ସର୍ଭେ ବିରୋଧରେ ଦାୟର ମାମଲାର ଶୁଣାଣି କରୁଥିବା ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଏହା ଅନୁମାନ କରାଯାଉଛି ଯେ ପୋଲ ପ୍ୟାନେଲ ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ ହୋଇଥିବାରୁ, ଏସଆଇଆର ପରିଚାଳନାରେ ଆଇନ ଏବଂ ବାଧ୍ୟତାମୂଳକ ନିୟମ ପାଳନ କରିଛି। ହେଲେ ଯଦି ଦେଶରେ ଚାଲିଥିବା ଏସଆଇଆରର କାର୍ଯ୍ୟରେ କୌଣସି ଅନିୟମିତତା ଦେଖାଯାଏ, ତେବେ ସମଗ୍ର ପ୍ରକ୍ରିୟାକୁ ବାତିଲ କରିଦିଆଯିବ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ବିହାର ଏସଆଇଆର ଉପରେ କୋର୍ଟ ଯାହା ନିଷ୍ପତ୍ତି ନେବେ ତାହା ସାରା ଭାରତରେ ଲାଗୁ ହେବ। ଏହା ପୂର୍ବରୁ ହୋଇଥିବା ଶୁଣାଣି ?ରେ ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ଏକ ବଡ଼ ରାୟ ଶୁଣାଇଥିଲେ ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟ କହିଥିଲେ, ଏସଆଇଆର ପାଇଁ ଆଧାର କାର୍ଡ ସମେତ ୧୧ଟି ଦସ୍ତାବିଜ ଗ୍ରହଣୀୟ ହେବ ।

### ନିବେଶ ସହ ନିଯୁକ୍ତିକୁ...

ଟଙ୍କାର ପୁଞ୍ଜିନିବେଶ କରିବ। ଏହାଦ୍ୱାରା ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିଭଳି ଏପସିଲନ କାର୍ବନ ଅଶୋକ ପ୍ରାଇଭେଟ ଲିମିଟେଡ଼ ଝାରସୁଗୁଡାରେ ୫ ହଜାର ୮୦୬ କୋଟି ଟଙ୍କାର ପୁଞ୍ଜିନିବେଶ ଦ୍ୱାରା ୨୫୦୦ ନିଯୁକ୍ତି ସୃଷ୍ଟି ହେବ। ଖୋର୍ଦ୍ଧା ଜିଲ୍ଲାରେ ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ମେଟାଲିକ୍ସ ଲିମିଟେଡ଼ ୨ ହଜାର ୯୬ କୋଟି ଟଙ୍କାର ପୁଞ୍ଜିନିବେଶ କରିବ । ରାଜ୍ୟରେ ୨୦୨୪ ଜୁନ ମାସରୁ ୨୦୨୫ ସେପ୍ଟେମ୍ବର ମାସ ଭିତରେ ୭୭ ହଜାର ୮୯୪ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ସେଥିରୁ ୫୬ ହଜାର ୮୫୯ ଜଣ ଓଡିଶାର ଯୁବକ ଯୁବତୀ ନିଯୁକ୍ତି ହୋଇଛନ୍ତି। ଉତ୍କର୍ଷ ଓଡିଶାରୁ ୩ ଲକ୍ଷ ୭୫ ହଜାର ୬୦୦ ନିଯୁକ୍ତି ଲକ୍ଷ୍ୟ ଥିବା ବେଳେ ଏବେ ସୁଦ୍ଧା ୨୦ ପ୍ରତିଶତ ଲକ୍ଷ୍ୟ ହାସଲ କରି ସାରିଛନ୍ତି ସରକାର। ୧୬ ମାସରେ ୧୬ ବୈଠକ କରି ୨୬୯ ଟି ପ୍ରକଳ୍ପକୁ ଅନମୋଦନ କରାଯାଇଛି। ଯାହାଦ୍ୱାରା ୬ ଲକ୍ଷ ୧ ହଜାର କୋଟିର ପୁଞ୍ଜିନିବେଶ ଏବଂ ୩ ଲକ୍ଷ ୭୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି ସରକାର।

### ମାଓ ଦମନ ଅଭିଯାନରେ...

ଯାହା ମୁଣ୍ଡ ଉପରେ ଥିଲା ୫ ଲକ୍ଷର ପୁରସ୍କାର ରାଶି। ଆଉ ଏମାନେ ହେଉଛନ୍ତି ହଜାରିବାଗ୍ ଗୋରହର ଅଞ୍ଚଳର ଏନକାଉଣ୍ଟରରେ ନିହତ ୩ କୁଖ୍ୟାତ ନକ୍ସଲ ସହଦେବ ସୋରେନ, ରଘୁନାଥ ହେମ୍ବ୍ରମ ଓ ବୀରସେନ ଗଞ୍ଜୁ। ସହଦେବର ମୁଣ୍ଡ ପାଇଁ କୋଟିଏ, ରଘୁନାଥ ପାଇଁ ୨୫ ଲକ୍ଷ ଓ ବୀରସେନ ପାଇଁ ଥିଲା ୧୦ ଲକ୍ଷର ପୁରସ୍କାର ରାଶି। ସମୟ ସକାଳ ପ୍ରାୟ ସାଢ଼େ ୪ଟା। ମାଓକ୍ୟାଂପର ସୂଚନା ପାଇ ସୂର୍ଯ୍ୟ ଉଇଁବା ଆଗରୁ ଜଙ୍ଗଲ ଭିତରେ ଆରମ୍ଭ ହୋଇଥିଲା ଅପରେସନ୍। ସାମିଲ ହୋଇଥିଲେ କୋବ୍ରା ବାଟାଲିୟନ, ଝାଡ଼ଖଣ୍ଡ ଜାଗୁଆର ସହ ଝାଡ଼ଖଣ୍ଡ ପୋଲିସ। ଆରମ୍ଭ ହୋଇଗଲା ଅନ୍ଧାଧୁନ ଫାଏରିଂ। ତାହାରି ଭିତରେ ଟଳିପଡ଼ିଲେ ଏହି ୩ ଜଣ, ଆଉ କିଛି ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ଜବତ ହୋଇଥିଲା ବିପୁଳ ଅସ୍ତ୍ରଶସ୍ତ୍ର ସହ ୩ଟି ଏକେ-୪୭। ଏହି ଏନକାଉଣ୍ଟର ପରେ ଏବେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ବଢ଼ିଛି ସୁରକ୍ଷା। କ୍ରମାଗତ ମାଓବିରୋଧୀ ଅପରେସନ ଭିତରେ ଆତ୍ମସମର୍ପଣର ଧାରାକୁ ଫେରୁଛନ୍ତି ଟପ୍ ନକ୍ସଲ। ତେଲେଙ୍ଗାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ନିହତ ନକ୍ସଲ କମାଣ୍ଡର କିଶନଜୀର ପତ୍ନୀ ସୁଜାତା ପରେ ସରେଣ୍ଡର କରିଛି ଆଉ ଜଣେ ହାର୍ଡକୋର୍ ଲେଡି ମାଓବାଦୀ। ଯାହା ନାଁ ଜାନସି ଓରଫ୍ ବଛେଲା ଅଟାମୀ। ଯାହା ମୁଣ୍ଡ ଉପରେ ଥିଲା ୮ ଲକ୍ଷର ପୁରସ୍କାର ରାଶି। ଛତିଶଗଡ ଗରିଆବନ୍ଧ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଜାନସୀ, ମହାରାଷ୍ଟ୍ର ଗଡ଼ଚିରୋଲିର ମୂଳ ବାସିନ୍ଦା। ୨୦ ବର୍ଷ ଧରି ଧମତରୀ-ଗରିଆବନ୍ଧ-ନୂଆପଡ଼ା ଡିଭିଜନ କମିଟିର ଥିଲା ସକ୍ରିୟ ସଦସ୍ୟ। କେନ୍ଦ୍ରୀୟ କମିଟି ସଦସ୍ୟ ଚଳପତିର ଘନିଷ୍ଠ ସହଯୋଗୀ ସତ୍ୟମ୍ ଗାବଡେଙ୍କ ସ୍ତ୍ରୀ ହେଉଛି ଜାନସି । ଯିଏ ଶତାଧିକ ମାଓହିଂସାରେ ଥିଲା ଜଡ଼ିତ।

### ଆସନକୁ ନେଇ...

କଂଗ୍ରେସର ଖରାପ ପ୍ରଦର୍ଶନ ଯୋଗୁଁ ମହାଗଠବନ୍ଧନ କ୍ଷମତାକୁ ଆସିପାରିନଥିଲା ବୋଲି ଆରଜେଡିର ତୁଙ୍ଗ ନେତାମାନେ ଅଭିଯୋଗ କରିଥିଲେ । କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭୋଟ ଅଧିକାର ଯାତ୍ରା ଦଳୀୟ କର୍ମୀ ମହଲରେ ଉତ୍ସାହ ଭରିଛି । ଏହାକୁ ଆଧାର କରି କଂଗ୍ରେସ ଅଧିକ ନହେଲେ ପୂର୍ବଥର ପରି ୭୦ଟି ଆସନ ଲଢ଼ିବାକୁ ଚେଷ୍ଟା କରୁଛି । ସେହିଭଳି ଗତଥର ଦୀପେନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱାଧୀନ ସିପିଆଇଏମ୍ଏଲ୍ ୧୯ଟି ଆସନରେ ଲଢ଼ି ୧୨ଟିରେ ଜିତିଥିଲା । ତେଣୁ ଏଥରକ ସିପିଆଇଏମ୍ଏଲ୍ ଅନ୍ୟ ଦୁଇ କମ୍ୟୁନିଟି ପାର୍ଟି ସିପିଆଇ ଓ ସିପିଆଇଏମ୍ ସହ ମିଶି ୭୫ଟି ଆସନ ଲଢ଼ିବାକୁ ଖୋଲାଖୋଲି ଦାବି କରୁଛି । ଏହାଛଡା ୨୦୨୨ ପର୍ଯ୍ୟନ୍ତ ଏନ୍‌ଡିଏରେ ଥିବା ମୁକେଶ ସାହାଣୀଙ୍କ ଭିଆଇପି ପାର୍ଟି ମଧ୍ୟ ଅଧିକ ଆସନ ପାଇବାକୁ ଅଡିବସିଛି । ଏହା ସହିତ ମେଣ୍ଟ ମଧ୍ୟରେ ନୂଆ କରି ସାମିଲ ପଶୁପତି ପାରସଙ୍କ ଏଲ୍‌ଜେପି ଓ ହେମନ୍ତ ସୋରେନଙ୍କ ଜେଏମ୍ଏମ୍ କିଛି ଆସନ ପାଇବେ । ମାତ୍ର ଅଧିକ ଆସନ ପାଇବାକୁ ଦାବି କରୁଥିବା ଦଳମଧ୍ୟରେ ବୁଝାମଣା ଆଣିବା କାଠିକର ପାଠ ହୋଇପାରେ । ଏବେ ପର୍ଯ୍ୟନ୍ତ ଆସନ ବୁଝାମଣାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାରୁ ଦୂର କରିବାକୁ ବୋଧ ହୁଏ ତେଜସ୍ୱୀଙ୍କୁ ରାହୁଲଙ୍କ ହସ୍ତକ୍ଷେପ ଦରକାର ପଡ଼ିପାରେ ।

### ସୁଭଦ୍ରା ଅଭିଯୋଗ ...

ପ୍ରଶ୍ନର ଉତ୍ତର ବିଭାଗ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଏହି ଯୋଜନାରେ ୧ କୋଟି ୯ ଲକ୍ଷ ହିତାଧିକାରୀ ଅଛନ୍ତି, କିନ୍ତୁ ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ସୁଭଦ୍ରା ଯୋଜନା ଯୋଜନାରେ ହିତାଧିକାରୀଙ୍କ ସମସ୍ୟାରର ସମାଧାନ ପାଇଁ ସୁଭଦ୍ରା ଅଭିଯୋଗ ମଡ୍ୟୁଲ୍ ଆରମ୍ଭ କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପଦକ୍ଷେପ ଯୋଜନା ସହିତ ଜଡିତ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଏକ ସ୍ୱଚ୍ଛ ଏବଂ ଦକ୍ଷ ବ୍ୟବସ୍ଥା ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ପୂର୍ବରୁ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ଏବେ ଏହି ପୋର୍ଟାଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ ଏବଂ ପୁନଃ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ। କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରାଙ୍କ ସହାୟତାରୁ ବଞ୍ଚିତ ହେବେ ନାହିଁ, ସୁଭଦ୍ରା ଅଭିଯୋଗ ମଡ୍ୟୁଲ୍ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ପ୍ରବତୀ ପରିଡା କହିଛନ୍ତି। ଏହି ମଡ୍ୟୁଲ୍ ଯୋଜନା ଅଧୀନରେ ସ୍ୱଚ୍ଛତା, ଦାୟିତ୍ୱ ଏବଂ ସମୟୋଚିତ ନିଷ୍ପତ୍ତି ଗ୍ରହଣ ସୁନିଶ୍ଚିତ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ମଡ୍ୟୁଲ୍ ହିତାଧିକାରୀମାନଙ୍କୁ ସେମାନଙ୍କର ଅଭିଯୋଗ ପଞ୍ଜିକରଣ କରିବାକୁ ଏବଂ ସେମାନଙ୍କର ସ୍ଥିତି ଟ୍ରାକ୍ କରିବା ସହିତ ବିଭାଗଗୁଡ଼ିକ ପୋର୍ଟାଲ୍ ମାଧ୍ୟମରେ ଦାଖଲ ହୋଇଥିବା ସମସ୍ତ ଅଭିଯୋଗର ଉତ୍ତର ଦେବେ। ଏହା ସହିତ ସମୟୋଚିତ ସମାଧାନ ଏବଂ ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବେ। ବ୍ଲକ କମିଟିଗୁଡ଼ିକ ଅଭିଯୋଗଗୁଡ଼ିକର ସମୀକ୍ଷା କରିବେ। କମିଟି ତା'ପରେ ଯାଞ୍ଚ ରିପୋର୍ଟକୁ ଜିଲ୍ଲା ସ୍ତରୀୟ ଯାଞ୍ଚ କମିଟି କିମ୍ବା ପୌର ନିଗମ ସ୍ତରୀୟ ଯାଞ୍ଚ କମିଟିକୁ ପଠାଇବେ। ଅନୁମୋଦନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଜିଲ୍ଲା କିମ୍ବା ନଗର ନିଗମ ସ୍ତରରେ ନିଆଯିବ।

### ଅକ୍ଟୋବର ୧୫ ପରେ...

ଯଦିଓ ଅକ୍ଟୋବର ମାସ ବତ୍ୟା ଅନୁକୂଳ ଏବଂ ବାତ୍ୟା ପ୍ରବଣ ମାସ, ତେଣୁ ମୌସୁମୀର ଏହି ଅପସାରଣ ପ୍ରକ୍ରିୟା ବି ଅକ୍ଟୋବରେ ରହିଥିବ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟରୁ ଏହା ଲେଉଟାଣି ସମୟ ହୋଇଥିବାରୁ ଏବଂ ଉତ୍ତର-ପୂର୍ବ ମୌସୁମୀ ବାୟରୁ ଆଗମନୀ ସମୟ ହୋଇଥିବାରୁ ଏହା ବାତ୍ୟାନୁକୂଳ ବୋଲି ପାଣିପାଗ ବିଶେଷଜ୍ଞ କୁହନ୍ତି । ତେବେ ବାତ୍ୟା ସୃଷ୍ଟି ପାଇଁ ବିଭିନ୍ନ ପାଣିପାଗ ଉପାଦାନ ଗୁଡିକ ମଧ୍ୟରୁ ସମୁଦ୍ର ପୃଷ୍ଠର ତାପମାତ୍ରାର ଗୁରୁତ୍ୱ ସର୍ବାଧିକ । ଉଚ୍ଚ ସାମୁଦ୍ରିକ ପୃଷ୍ଠ ତାପମାତ୍ରାର ଉପସ୍ଥିତି ବାଷ୍ପିଭୂତ ଜଳୀୟ ବାଷ୍ପ ସୃଷ୍ଟି ସହ ବାୟୁମଣ୍ଡଳରେ ସୃଷ୍ଟି ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଗୁଡିକ ଅଧିକ ଶକ୍ତିଶାଳୀ କରାଇବା ସହ ବାତ୍ୟା ସୃଷ୍ଟି ପାଇଁ ଅନୁକୂଳ ପାଣିପାଗ ସୃଷ୍ଟି କରିଥାଏ । ଏହି କ୍ରମରେ ବଙ୍ଗୋପସାଗର ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁରେ ଆଣ୍ଡାମାନ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଂଚଳରେ ସମୁଦ୍ର ପୃଷ୍ଠ ତାପମାତ୍ରା ୩୧ ଡ଼ିଗ୍ରୀ କିମ୍ବା ଅଧିକ ରୁହେ ଫଳ ସ୍ୱରୂପ ଏହି ସମୟରେ ସ୍ୱତପ୍ରବୃତ ଭାବେ ଏହି ଅଂଚଳ ଗୁଡିକ ବାତ୍ୟା ସୃଷ୍ଟି ପାଇଁ ଅଧିକ ସମ୍ବେଦନଶୀଳ ।

## ପ୍ରଶାନ୍ତି ଶିଶୁ ବିହାରରେ ବିଜ୍ଞାନ ମେଳା ଅନୁଷ୍ଠିତ

ବାସୁଦେବପୁର, ୧୫/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ପ୍ରଶାନ୍ତି ଶିଶୁ ବିହାରରେ ଛବିଶ ତମ ବିଜ୍ଞାନ ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି ଉତ୍ସବ କୁ ଉଦଘାଟନ କରିଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। କୁନି କୁନି ବୈଜ୍ଞାନିକ ମାନେ ଚାରୋଟି ବିଭାଗରେ ୧୧୦ ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ବିଚାରକ ଭାବେ ଯୋଗ ଦେଇଥିଲେ କୈଳାସ ବେହେରା, ମାନସ ରଞ୍ଜନ ବେହେରା, ପ୍ରମୋଦ କୁମାର ପାଢୀ, ଶ୍ରୀକାନ୍ତ ପାକଳ, ପରେଶ ବେହେରା ଓ ବିଜୟ କୁମାର ବେହେରା। ଉଦଯାପନ ସଭାରେ ପ୍ରଶାନ୍ତି ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ। ବିଭିନ୍ନ ବିଭାଗରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ପ୍ରକଳ୍ପ କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ବିଜନ କୁମାର ମହାପାତ୍ର ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଉତ୍ସବରେ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## କାର ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

ବେତନଟୀ,୧୪/୯(ନି.ପ୍ର) : ୧୮ନଂ ଜାତୀୟରାଜପଥରେ ବାରିପଦା ଅଭିମୁଖେ ଯାଉଥ?ବା ବେଳେ ରାସ୍ତା ଛକରେ ଏକ ଦ୍ରୁତଗାମୀ କାର ଧକ୍କାରେ ସୋମବାର ଅପରାହ୍ନରେ ବେତନଟୀ ଉପକଣ୍ଠ ଆମ୍ବଜଡ଼ାସ୍ଥିତ ହୀରାଲାଲ ହାଇସ୍କୁଲର ସରକାରୀ ଶିକ୍ଷକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ନୟାତାରଣୀ ଗ୍ରାମର ବିନୋଦ କିଶୋର ମହାନ୍ତଙ୍କ ପୁଅ ତପନ କୁମାର ମହାନ୍ତ। ଏତଲାକାରୀ ମୃତ ଶିକ୍ଷକ ତପନଙ୍କ ସାନଭାଇ ହେମନ୍ତ ମହାନ୍ତଙ୍କ ଅଭିଯୋଗ ମୁତାବକ ତପନ ନିଜର ଓଡି-୧୧ଏଜେ-୫୪୧୦ ନମ୍ବର ବିଶିଷ୍ଟ ବାଇକଯୋଗେ ବାରିପଦା ଅଭିମୁକେ ଯାଉଥିବା ବେଳେ ବାଲେଶ୍ୱରରୁ ବାରିପଦା ଅତ୍ୟନ୍ତ ଦ୍ରୁତଗତିରେ ଯାଉଥିବା ଓଡି-୦୧ପି-୮୦୧୮ ନମ୍ବର ବିଶିଷ୍ଟ କାରଟି ପଛପଟୁ ଆସି ଧକ୍କା ଦେଇଥିଲା । ଦୁର୍ଘଟଣାରେ ତପନଙ୍କର ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ କାରର ସମ୍ମୁଖ ଭାଗ ଏବଂ ବାଇକ ଭାଙ୍ଗି ଚୁରମାର ହୋଇଯାଇଥିଲା । ରାଗୁଛକରେ ବସକୁ ଅପେକ୍ଷା କରିଥିବା କଲେଜ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଦ୍ରୁତଗାମୀ କାର ଧକ୍କାରେ ସୃଷ୍ଟି ହୋଇଥିବା ପ୍ରଚଣ୍ଡ ଶବ୍ଦ ସମସ୍ତଙ୍କୁ ଚକିତ କରିଦେଇଥିଲା । ତପନଙ୍କୁ ସେଙ୍ଗସେଙ୍ଗ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲେ ସୁଦ୍ଧା ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣ ଅକରିଥିଲେ । ଏନେଇ ବେତନଟୀ ପୁଲିସ ୩୧୯ ନମ୍ବରରେ ମାମଲା ରୁଜୁକରି ଉଭୟ ଦୁର୍ଘଟଣାଗ୍ରସ୍ତ କାର ଏବଂ ମୋଟରସାଇକେଲ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ବଡଜାମବଣି ଫାଣ୍ଡି ଅଧିକାରୀ ଏଏସଆଇ ଅଶେଷ କୁମାର ଦାସ ଶବବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ତପନ ଛାତ୍ରଜୀବନରେ ୧୯୯୨-୯୩ ଶିକ୍ଷାବର୍ଷରେ ବେତନଟୀ କଲେଜ ଛାତ୍ରସଂସଦର ସଭାପତି ଥିବାବେଳେ ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଛାତ୍ରଜୀବନରେ ତପନଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଜଡିତ ଥିବା ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ପଣ୍ଡିତ, ଜ୍ଞାନରଞ୍ଜନ ବେହେରା, ସୁନ୍ଦରମୋହନ ମହାନ୍ତଙ୍କ ସମେତ ଓଷ୍ଟା ଶିକ୍ଷକସଂଘର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକସଭାପତି ଶିଶିର ନାୟକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ଏବଂ ହୀରାଲାଲ ହାଇସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଅଣଶିକ୍ଷା କର୍ମଚାରୀ ପ୍ରମୁଖ ଅମରଆତ୍ମାର ସଦଗତି କାମନା ପୂର୍ବକ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବେତନଟୀ ମଣ୍ଡଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା : ସ୍ୱାଗତ ସମ୍ବର୍ଦ୍ଧନା ବ୍ୟବସ୍ଥାକୁ ଦେଖି ମଣ୍ଡଳ ସଭାପତିଙ୍କୁ ଧନ୍ୟବାଦ ଜଣାଇଲେ ମନ୍ତ୍ରୀ



ବେତନଟୀ , ୧୫/୯ (ନି.ପ୍ର): ବେତନଟୀ ଥାନା ଅଧୀନ ବେତନଟୀ ସ୍ଥିତ ବଙ୍ଗଳାଛକ ସତସଙ୍ଗବିହାର ଠାରେ ଦିନିକିଆ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବେତନଟୀ ମଣ୍ଡଳ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶତାଧିକ ପୁରୁଷ , ମହିଳା ଏବଂ ଛାତ୍ରଛାତ୍ରୀ ପୁଷ୍ପବୃଷ୍ଟି କରି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରିବା ବ୍ୟବସ୍ଥାକୁ ଦେଖି କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତପ୍ରଧାନ ସନ୍ତୋଷ ବ୍ୟକ୍ତ କରି ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କୁ ପାଖକୁ ଡାକି ଉତ୍ତରୀୟ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମାନ୍ୟବର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ବଡସାହି ବିଧାୟକ ସନାତନ ବିଜୁଳି, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ସମେତ ମୟୁରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ମୟୁରଭଞ୍ଜ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଦିବାସୀ ନୃତ୍ୟ , ଧୁମ୍ସା ଓ ମାଦଳ ତାଳେ ତାଳେ ନେଇ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲ୍ଲା ସଭାପତି ନିହାର ମୋଦି, ପ୍ରାକ୍ତନ ଜିଲ୍ଲାସଭାପତି କାନ୍ଦ୍ରା ସୋରେନ, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ବିକାଶ ଦାସ, ଚନ୍ଦ୍ର ଶେଖର ବେରା, ନିରଞ୍ଜନ ମହାନ୍ତି, ସଂଜୀବ ଜେନା, ରାକେଶ ମହାନ୍ତ , କେଶବ ନାଥ, ପ୍ରଶାନ୍ତ ନାଥ, ମନୋଜ ପଣ୍ଡା , ଚନ୍ଦନ ସେଠୀ , ଙ୍କ ସହିତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ସୁରକ୍ଷା ଦୃଷ୍ଟିରୁ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ ସହିତ ପ୍ରବଳ ଜନସମାଗମର ସୁପରିଚାଳନା କରିଥିଲେ ।

## ଚିତ୍ରଗିରି ସାହିତ୍ୟ ସଂସଦର କବିତା ଆସର ଓ ଆଲୋଚନା ଚକ୍ର

ମାଲକାନଗିରି, ୧୫/୯ (ନି.ପ୍ର): ଚିତ୍ରଗିରି ସାହିତ୍ୟ ସଂସଦର କବିତା ଆସର ଓ ଆଲୋଚନା ଚକ୍ର ଆଜି ଅନୁଷ୍ଠିତ ହୋଇ ଯାଇଅଛି । ଏହି ଆସର ରେ ୨୦ରୁ ଅଧିକ କବି ଓ କବିୟତ୍ରୀ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ଆସରଟିକୁ ଦିଗ ଦର୍ଶନ ଦେଇଥିଲେ ସଂସଦର ସଭାପତି ଗୌରହରି ସାହୁ । ସମ୍ପାଦକ ବାଲାଜୀ ସେଠି ଅନୁଷ୍ଠାନ ର ଗଠନ ଏବଂ ଅଗ୍ରଗତି ବିଷୟରେ ଧାରଣା ଦେଇଥିଲେ । ସଭାପତି ଶ୍ରୀ ସାହୁ ସଂସଦର ଆଗାମୀ କାର୍ଯ୍ୟ ସୂଚୀ ବାବଦରେ ଅବଗତ କରାଇଥିଲେ । ଅନୁଷ୍ଠାନର ଉନ୍ନତି ପାଇଁ କିଛି ଲୋକାଭିମୁଖୀ କାର୍ଯ୍ୟ କରିବା ଓ ଅନୁଷ୍ଠାନର ଏକ ବାର୍ଷିକ ପତ୍ରିକା ଉନ୍ମୋଚନ ପାଇଁ ପ୍ରସ୍ତାବ ଦେଇଥିଲେ ।

## ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ସରକାରୀ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ବାରିପଦା, ୧୫/୯ (ନି.ପ୍ର): ଆଜି ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି । ଉକ୍ତ ବୈଠକରେ ନବଜାତ ଶିଶୁମାନଙ୍କର ଉପଯୁକ୍ତ ପୋଷଣ ସହ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଚର୍ଚ୍ଚା ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ ପ୍ରଶାସନ ପକ୍ଷରୁ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ଏକ ବିବରଣୀ ଉପସ୍ଥାପନ କରାଯାଇଥିଲା । ବୈଠକ ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ଶିକ୍ଷାକୁ ଆଗେଇ ନେବାରେ ମୟୂରଭଞ୍ଜ ଜିଲ୍ଲାର ଅବଦାନ ଅତୁଳନୀୟ । ମୟୂରଭଞ୍ଜରେ ଅନେକ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଅଛି । ଏହି ଜିଲ୍ଲାର ବିକାଶ ନ ହେଲେ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ସମ୍ଭବ ହୋଇପାରିବ ନାହିଁ । ବୈଠକରେ ନବଜାତ ଶିଶୁଙ୍କ ପୋଷଣ ଠାରୁ ଆରମ୍ଭ କରି ସେମାନେ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ପର୍ଯ୍ୟନ୍ତ ସେମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ, ଦକ୍ଷତା ବୃଦ୍ଧି ହୋଇପାରିବ, ସ୍ୱାସ୍ଥ୍ୟ ଠିକ୍ ରହିବ, ତାହା ଉପରେ ଚର୍ଚ୍ଚା ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାପାସିଟି ବିଲଡିଂ ବଢାଇବା ଆବଶ୍ୟକ । ସାକ୍ଷରତା ହାର ବୃଦ୍ଧି କରିବା ସହ ସ୍କୁଲରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣାତ୍ମକ ମାନକୁ ବଢାଇବା ଦିଗରେ ଯୋଜନା କରାଯିବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଓଡ଼ିଶାର ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ଲୋକସଭା ସାଂସଦ ଶ୍ରୀ ନବ ଚରଣ ମାଝୀ,ମାନ୍ୟବର ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୟୂରଭଞ୍ଜ ଜିଲ୍ଲାର ମାନ୍ୟବର ବିଧାୟକ ବୃନ୍ଦ ଶ୍ରୀ ପ୍ରକାଶ ସୋରେନ, ଶ୍ରୀ ଭାସ୍କର ମଢେଇ, ଶ୍ରୀ ଭାଦବ ହାଁସଦା, ଶ୍ରୀ ସନାତନ ବିଜୁଳି, ଶ୍ରୀ ପଦ୍ମ ଚରଣ ହାଇବୁରୁ, ଶ୍ରୀ ଜଲେନ ନାଏକ, ସୁଶ୍ରୀ ସଞ୍ଜଳୀ ମୁର୍ମୁ ଙ୍କ ସମେତ ବାଲେଶ୍ୱର ବିଧାୟକ ଶ୍ରୀ ମାନସ ଦତ୍ତ ଓ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ଯୋଗ ଦେଇଥିବା ବେଳେ ମହାରାଜା ଶ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଜିଲ୍ଲାର ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ମୟୂରଭଞ୍ଜ ଜିଲ୍ଲା ବାରିପଦା ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି କ୍ରମରେ ୭୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବାରିପଦାରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ'ର ପ୍ରଶାସନିକ ଭବନ ଉଦଘାଟନ, ୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁଥିବା ବାରିପଦା ଛଉନୃତ୍ୟ ମଣ୍ଡପ ପ୍ରକଳ୍ପ ଓ ୨୬ କୋଟି ଟଙ୍କା ମୂଲ୍ୟ ବ୍ୟୟ ଅଟକଳରେ ହେବାକୁଥିବା ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ସୌନ୍ଦର୍ଯ୍ୟକରଣ ତଥା ପୁନଃ ନବୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଅପରାହ୍ନରେ ମାନ୍ୟବର ମନ୍ତ୍ରୀ ବାରିପଦା ଟାକତପୁର ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କନଭେନସନ ହଲରେ ଆୟୋଜିତ ହେବାକୁ ଥିବା ଝୁମର କର୍ମଶାଳା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରିବେ। ଉକ୍ତ ଗସ୍ତ କାଳରେ ଅନେକ ସ୍ଥାନରେ ମାନ୍ୟବର ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ମେଘାସନ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ




ଉଦଳା, ୧୫/୯ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ଆଜି ସେପ୍ଟେମ୍ବର ୧୫ ତାରିଖ ସୋମବାର ଦିନ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରାରମ୍ଭରେ ପୁରାତନ ଛାତ୍ର ଛାତ୍ରୀ ମାନେ ନବାଗତ ଭାଇ ଭଉଣୀ ମାନଙ୍କୁ ଶଙ୍ଖ ବଜାଇ, ହୁଳହୁଳି ଦେଇ, ମସ୍ତକରେ ଚନ୍ଦନ ତିଳକ ପିନ୍ଧାଇ, ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହାପରେ ଏକ ସାଧାରଣ ସଭାର ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ଼. ନିରଂଜନ ପାଠୀ ଅଧ୍ୟକ୍ଷତା କରି ଅର୍ଥନୀତି କିପରି ଦେଶର ମେରୁଦଣ୍ଡ ଅଟେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରି ଦେଶକୁ ସମୃଦ୍ଧ କରିବାରେ ଅର୍ଥନୀତିର କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସରୋଜ କୁମାର ମହାନ୍ତି, ହରେକୃଷ୍ଣ ରାଉତ, ବସନ୍ତ କୁମାର ପାତ୍ର, ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ଯେଉଁ ଦେଶର ଅର୍ଥନୀତି ଯେତେ ସୁଦୃଢ଼ ସେ ଦେଶ ସେତେ ଆଗୁଆ ଓ ଉନ୍ନତ ଦେଶ ଭାବରେ ପରିଗଣିତ ହୋଇଥାଏ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଅଧ୍ୟାପିକା ସସ୍ମିତା ଲାୟା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରେବତୀ ଦାସ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ରକ୍ତଦାନ ଶିବିର ଅନୁଷ୍ଠିତ

ଜୟପୁର, ୧୫/୦୯ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦ ନଗର ଠାରେ ପୂର୍ବଛାତ୍ର ପକ୍ଷରୁ ରକ୍ତଦାନ ଶିବିର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଶ୍ଚିମ ପ୍ରାନ୍ତ ବ୍ୟବସ୍ଥା ପ୍ରମୁଖ ସୁରେଶ ଜୈନ, ନଗର ସଂଘ ଚାଳକ ନିରଞ୍ଜନ ମିଶ୍ର, ସଂଘର ବରିଷ୍ଠ ସ୍ୱୟଂ ସେବକ ଗଣେଶ ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେବାରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ନାୟକ, ସମ୍ପାଦକ ସତ୍ୟବାଦୀ ମିଶ୍ର ଏବଂ କୋଷାଧ୍ୟକ୍ଷ ମିହିର କୁମାର ମିଶ୍ର ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଗୋରୁ ଚାଲାଣ ବେଳେ ଶହେରୁ ଅଧିକ ଗୋରୁ ଅଟକ



ବସ୍ତା ୧୫/୯(ନିପ୍ର):ବେଆଇନ ଭାବରେ ଓଡିଶାରୁ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବା ବେଳେ ଶହେରୁ ଅଧିକ ଗୋରୁ ଅଟକ ରଖିଲେ ଗ୍ରାମବାସୀ, ସୁଚନା ଅନୁଯାୟୀ ମୟୁରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଖୁଣ୍ଟା ଅଞ୍ଚଳରୁ ଆଜି ସକାଳେ ଶହେରୁ ଅଧିକ ଗୋରୁ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସଦାନନ୍ଦପୁର ଗାଁ ଦେଇ ଚଲେଇ ଚଲେଇ ପଶ୍ଚିମବଙ୍ଗ ନେଉଥିବା ବେଳେ ଗ୍ରାମବାସୀ ଗୋରୁ ସହିତ ବେପାରୀଙ୍କୁ କୁ ଅଟକ ରଖି ଥିଲେ,ପ୍ରତି ସୋମବାର ଏହି ରାସ୍ତା ଦେଇ ହଜାର ହଜାର ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି,ପୋଲିସ ପ୍ରଶାସନ ସବୁ ଜାଣି ମଧ୍ୟ ଚୁପ ରହୁଥିବା ଅଭିଯୋଗ ହୋଇଛି,ପ୍ରତ୍ୟେକ ଦିନ ଜାତୀୟ ରାଜପଥ ରେ କଣ୍ଟେନର ଏବଂ ଟ୍ରକ ରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ଏବେ ମାଫିଆ ମାନେ ପୋଲିସ ଚେକିଂ ରୁ ବର୍ତ୍ତିବା ପାଂଇ ଅଭିନବ ଉପାୟରେ ଗୋରୁ ପଲ କୁ ଚଲେଇ ଚଲେଇ ରାଜ୍ୟ ପାର କରୁଛନ୍ତି,ତେବେ ଏତେ ସଂଖ୍ୟକ ଗୋରୁ ପଲ ଚଲାଇ ନେଇ ଯାଉଥିବା ବେଳେ ଗ୍ରାମ ବାସୀ ଅଟକାଇବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇ ଥିଲା, ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଗୋରୁ ଗୁଡିକ ଗୋଶାଳାକୁ ପଠାଇ ଅଧିକ ତଦନ୍ତ କରୁଛି।

# ବରିଷ୍ଠମାନେ ସମାଜର ମାର୍ଗ ଦର୍ଶକ



ଭଦ୍ରକ , ୧୫/୯ (ନି.ପ୍ର): ପୁରୁଣାବଜାର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ବାଙ୍କା ବଜାର ଶ୍ରୀ ଶ୍ରୀ ଦଧିବାମନ ଜୀୟୁଙ୍କ ମନ୍ଦିର ପରିସରରେ ସଭାପତି ଡ଼ା. ହକିମୁଦ୍ଧିନ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ହାଜି ମୋକିତ୍ ଖାଁ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ପରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅବସରପ୍ରାପ୍ତ ପ୍ରାଧାପକ ରୋଟାରିଆନ୍ ସେକ୍ ନାଶିର ବକ୍ସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତିଙ୍କ ପ୍ରାରମ୍ଭିକ ସୂଚନା ପରେ ସଂପାଦକ ରାମଚନ୍ଦ୍ର କର ସଂପାଦକୀୟ ବୀବରଣୀ ପାଠ କରିଥିଲେ । ନାଗରିକ ସଂଘର ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ସେକ୍ ଫାରୁକ ଓ ଅଶୋକ ଦାସ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ ବରିଷ୍ଠମାନେ ସମାଜର ପଥ ପ୍ରଦର୍ଶକ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେଲେ ଆମ୍ଭେ ସୁନ୍ଦର ସମାଜ ଗଠନ କରିପାରିବା, ଅନ୍ୟତମ ଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ ଓ ପୁରୁଣାବଜାର ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ, ବରିଷ୍ଠମାନଙ୍କ ପାଇଁ ପ୍ରଶାସନର ଦାୟୀତ୍ୱ ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିବା ସହ, ବରିଷ୍ଠମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନ ଓ ପୋଲିସ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ଭଦ୍ରକ ମହାସଂଘର ସଂପାଦକ କୈଳାସ ଚନ୍ଦ୍ର ମହାପାତ୍ର ଭଦ୍ରକ ଜିଲ୍ଲାର ବିଭିନ୍ନ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକଳାପ, ସଂଘ ଗଠନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ମହାସଂଘର ସଭାପତି ତଥା ମୁଖ୍ୟବକ୍ତା ଲଲାଟେନ୍ଦୁ ମହାନ୍ତି ବରିଷ୍ଠମାନଙ୍କ ହକ୍ ବିଷୟରେ ସୂଚନା ଦେବା ସହ ତାହା ହାସଲ ପାଇଁ ଆଇନ୍ ଗତ ସୁବିଧା ବିଷୟରେ ଆଲୋକପାତ କରିଥିଲେ । ଭଦ୍ରକର ସ୍ୱନାମଧନ୍ୟ ଭେଷଜ ବିଶେଷଜ୍ଞ ଡ଼ା ରବିନ୍ଦ୍ର କୁମାର ନାୟକ ଅତିଥିଭାବେ ଯୋଗଦାନ କରି ବରିଷ୍ଠମାନେ କିପରି ଭାବରେ ରୋଗମୁକ୍ତ ଆନନ୍ଦ ଜୀବନଯାପନ କରିବେ ସେଥିପାଇଁ ଖାଦ୍ୟ, ପାନୀୟ, ଯୋଗ ବିଷୟରେ ସଚେତନ କରିଥିଲେ । ସଂଘର ବରିଷ୍ଠ ନାଗରିକ ବିଜୟ କୁମାର ଘଡ଼େଇ, ମୁବାରକ ହୋସେନ୍, ଲୋକମାନ ଖାଁ ଓ ରମାକାନ୍ତ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଖଣ୍ଡତଡ଼ା ଓ ଗୁଜିଦରଡ଼ା ଗ୍ରାମ ପଞ୍ଚାୟତର ବରିଷ୍ଠ ସଦସ୍ୟ ବିଶ୍ୱନାଥ ନାୟକ ଓ ଶରତ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ବରିଷ୍ଠ ନାଗରିକ ସଂଘ ଗଠନର ଗୁରୁତ୍ୱ ଉପଲବ୍ଧି କରି ନିଜ ଅଞ୍ଚଳରେ ଏକ ସଂଘ ପ୍ରତିଷ୍ଠା ପାଇଁ ପ୍ରେରଣା ପାଇଥିଲେ । ସଂଘର ବରିଷ୍ଠ ସଦସ୍ୟ ସୁଧାକର ରାଉତ ମଞ୍ଚ ପରିଚାଳନା କରିଥିଲେ ଓ ବ୍ରିଗେଡ୍ ସ୍କୁଲର ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସେନ୍, ପ୍ରମୋଦ କୁମାର ପଣ୍ଡା, ଅସରଫ ଅଲ୍ଲି ଖାଁ, ସଇଦ୍ ସାହା, ହାଜି କୟୁମ୍ ଅଲ୍ଲି, ହିଫଜୁର ରହେମାନ ଖାଁ, ଇଂ ହବିବୁଲ୍ଲା ଖାଁ, ବିବେକାନନ୍ଦ ମୁଖାର୍ଜୀ, ବିଜୟ ଅଗସ୍ତି, ରାଧାନାଥ ପରିଡ଼ା, ମିର୍ଜା ସଜ୍ଜାଦ ବେଗ, ହୃଦାନନ୍ଦ ବେହେରା ଓ ସେକ୍ ମେହେବୁବ୍ ପ୍ରମୁଖ ସଫଳ କାର୍ଯ୍ୟକ୍ରମ ପାଇଁ ସହଯୋଗ କରିଥିଲେ । ଗତ ୧୩ ସେପ୍ଟେମ୍ବର ଦିନ ଓଡ଼ିଶା ସୈନିକ ସ୍କୁଲ, ମାଦ୍ରାସା କାଦରିଆ ହବିବିଆ, ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଗରଦପୁର ଓ ସରସ୍ୱତୀ ଶିଶୁ ମନ୍ଦିର, ପୁରୁଣା ବଜାର ପ୍ରାଙ୍ଗଣରେ ବୃକ୍ଷରୋପଣ କରାଯାଇଥିଲା । ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସଂଘର କର୍ମକର୍ତ୍ତାମାନେ ସଂପୂର୍ଣ୍ଣ ସହଯୋଗ କରିଥିଲେ । ' ସମାଜ ପାଇଁ ବୃକ୍ଷଟିଏ" କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରୟାସ କରାଯାଇଥିଲା ।

## ସରକାରଙ୍କ ପାଖରେ ଯଥେଷ୍ଟ ସାର ଅଛି: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୧୫/୯ (ନି.ପ୍ର): ସରକାରଙ୍କ ପାଖରେ ଯଥେଷ୍ଟ ସାର ଅଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି। ସରକାର ପାଖରେ ଆହୁରି ୧ ଲକ୍ଷ ୮୦ ହଜାର ଟନ ସାର ମହଜୁଦ ଅଛି । ଗତ ବର୍ଷ ଚଳିତ ମାସ ସୁଦ୍ଧା ୮ ଲକ୍ଷ ୫୦ ହଜାର ଟନ ସାର ବଂଟା ଯାଇଥିଲା। ଚଳିତ ବର୍ଷ ୧୦ ଲକ୍ଷ ୮୫ ହଜାର ଟନ ସାର ବଂଟା ସରିଲାଣି। ପର୍ଯ୍ୟାପ୍ତ ସାର ମହଜୁଦ ଅଛି । ଆବଶ୍ୟକ ହେଲେ ଆହୁରି ସାର ମଗେଇବୁ। ବିରୋଧୀ ଲୋକ ସାର ନାହିଁ ବୋଲି ନେରେଟିଭ ତିଆରି କରୁଛନ୍ତି। ଚଳିତ ବର୍ଷ ଅଧିକ ଧାନ ଚାଷ କରାଯାଇଛି । ଆଗୁଆ ବର୍ଷା ଯୋଗୁଁ ଶୀଘ୍ର ସାରର ଦରକାର ହେଲା । ଡିଲରଙ୍କ ଉପରେ ତୀକ୍ଷ୍ଣ ନଜର ଅଛି। ଯେଉଁଠି ସାର କଳାବଜାରୀ ହେବ ଆକ୍ସନ ହେବ। ସେହିପରି ବିଜେଡିର ଆନ୍ଦୋଳନ ନେଇ ସେ କହିଛନ୍ତି ଲୋକେ ସବୁ ଜାଣୁଛନ୍ତି , ବିଜେଡି ଯେତେ ସୋ ବାଜି କଲେ ବି ଲାଭ ଦେବ ନାହିଁ ।

# ସମାଜସେବୀ ଧୀରେନ୍ଦ୍ର ନାରାୟଣ ଦାସଙ୍କ ପରଲୋକ



ବାଲେଶ୍ୱର, ୧୫/୯ (ନି.ପ୍ର): ଅବସରପ୍ରାପ୍ତ ଜିଲ୍ଲା ସରକାରୀ କର୍ମଚାରୀ ସଂଘର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ଦାସଙ୍କର ସୋମବାର ସକାଳ ୯ଟାରେ ୯୪ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଏହି ଖବର ପ୍ରଚାର ହେବାମାତ୍ରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ସ୍ୱର୍ଗତ ଦାସଙ୍କ ଅଙ୍ଗାରଗଡ଼ିଆ ସ୍ଥିତ ବାସଭବନରେ ଶେଷଦର୍ଶନ କରି ତାଙ୍କ ଶବାଧାରରେ ପୁଷ୍ପପ୍ରଦାନ କରିଥିଲେ। ସ୍ୱର୍ଗତ ଧୀରେନ୍ଦ୍ର ନାରାୟଣ ଦାସ ରାଜ୍ୟ ସମବାୟ ବିଭାଗରେ ଚାକିରି କରୁଥିବାବେଳେ ଏକାଧିକ ଶିକ୍ଷିତ ବେକାର ଯୁବକଙ୍କୁ ଚାକିରି ପ୍ରଦାନ କରାଇବାରେ ସହାୟକ ହୋଇଥିଲେ। ତାଙ୍କର ଦକ୍ଷତାପୂର୍ଣ୍ଣ କାର୍ଯ୍ୟ ପ୍ରଣାଳୀ ଯୋଗୁଁ କେନ୍ଦ୍ରୀୟ ସମବାୟ ବ୍ୟାଙ୍କକୁ ଅଡ଼ିଟ୍ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ୧୯୮୯ ମସିହାରେ ସମବାୟ ବିଭାଗରୁ ଅବସର ନେବାପରେ ସେ ଜୀବନର ଚଲାପଥରେ ଥକିଯାଇନଥିଲେ। ଅବସର ପରେ ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପ୍ରତିଷ୍ଠା କରିବାରେ ସ୍ୱର୍ଗତ ଦାସଙ୍କର ପ୍ରମୁଖ ଭୂମିକା ରହିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପେନସନଧାରୀଙ୍କ ପାଇଁ ଏକ ବିଶ୍ରାମ ଗୃହ ନିର୍ମାଣ କରି ଆଦରର ପାତ୍ର ହୋଇଥିଲେ। ଏହାପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସେବା ନିମନ୍ତେ ୮ ଗୋଟି କ୍ୟାବିନ୍ ନିର୍ମାଣ କରିଥିଲେ। ଏହି ଅବସରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କ୍ୟାବିନ୍‌ଗୁଡ଼ିକୁ ଉଦ୍‌ଘାଟନ କରି ଅବସରପ୍ରାପ୍ତ କର୍ମଚାରୀ ସଂଘର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହାବ୍ୟତୀତ 'ଚନ୍ଦ୍ରଭାଗା', 'ଫକୀରମୋହନ ସାହିତ୍ୟ ପରିଷଦ', 'ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟ', 'ସରକାରୀ ମେଡିକାଲ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି', 'ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ', 'ସହାୟକ', 'ଜିଲ୍ଲା ଚିନ୍ମୟ ମିଶନ', 'ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ରସଂଘ', 'ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର', 'ଅର୍ବାନ୍ କୋପରେଟିଭ୍ ବ୍ୟାଙ୍କ' ପ୍ରଭୃତି ବହୁ ସାଂସ୍କୃତିକ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କରେ ପ୍ରତିଷ୍ଠାତା ସଭ୍ୟ ତଥା ବିଭିନ୍ନ ପଦପଦବୀରେ ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ ସକ୍ରିୟ ଭୂମିକା ତୁଲାଇ ଆସିଥିଲେ। ସ୍ୱର୍ଗତ ଧୀରେନ୍ଦ୍ର ନାରାୟଣ ଦାସଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠପୁତ୍ର ସତ୍ୟେନ୍ଦ୍ର ନାରାୟଣ ଦାସ, ମଧ୍ୟମପୁତ୍ର ମୁନା, କନିଷ୍ଠପୁତ୍ର ବାବି, ପୁତ୍ରବଧୂ ଶୈଳ, ରୁବି, ଲୁସି ଓ ନାତି ନାତୁଣୀ, ସିକନ୍, ମାଧୁ, ଆନିସ୍, ଆସୁ, ମାମୁନ୍, ପଲୁ, ରାଧି, ଏକମାତ୍ର କନ୍ୟା - ମାମି, ଜାମାତା - ବୁନୁ ଏବଂ ପଡ଼ୋଶୀ ତଥା ନିଜ ଜନ୍ମସ୍ଥାନ ଶାସଙ୍ଗ ଗ୍ରାମର ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ।

# ସଂଗୀତ ପ୍ରତିଯୋଗିତାରେ ଶ୍ୱେତାଲିସା ପ୍ରଥମ



ବାଲେଶ୍ୱର, ୧୫/୯ (ନି.ପ୍ର): କେକେଏସ୍ ମହିଳା ମହାବିଦ୍ୟାଳୟ ଯୁକ୍ତ ତିନି ଛାତ୍ରୀ ଶ୍ୱେତାଲିସା ଶୁଭଦର୍ଶନୀ ସମ୍ବାଦ ପକ୍ଷରୁ ଆୟୋଜିତ ଉତ୍ତର ଓଡିଶା ସ୍ତରୀୟ ସଂଗୀତ ପ୍ରତିଯୋଗୀତା ସାରେଗାମା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ। ବାଲେଶ୍ୱରରେ ହୋଇଥିବା ପ୍ରତିଯୋଗିତାରେ ତିନୋଟି ଜିଲ୍ଲାରୁ ବହୁ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଅମୃତଂଶୁ ପଟ୍ଟନାୟକ, ବାପି ରାଜ୍, ମୌସୁମୀ ଦାସ ମହାପାତ୍ର ବିଚାରକ ଥିଲେ।

## ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୧୫/୯ (ନି.ପ୍ର): ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ର ହେଉଛି ଏକ ସମୃଦ୍ଧ ରାଷ୍ଟ୍ରର ମୂଳଦୁଆ। ଆସନ୍ତୁ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ଲୋକଙ୍କ କଲ୍ୟାଣ, ଅଧିକାର, ସମାନତା ଏବଂ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରି ଏକ ବିକଶିତ ରାଷ୍ଟ୍ର ନିର୍ମାଣ କରିବା।

# ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ ଖୁଣ୍ଟାପୁରରେ ହିନ୍ଦୀ ଦିବସ ପାଳିତ



ବୈଶିଙ୍ଗା , ୧୫/୯ (ନି.ପ୍ର): ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ . ଖୁଣ୍ଟାପୁର ପରିସରରେ ହିନ୍ଦୀ ଶିକ୍ଷୟିତ୍ରୀ ସ୍ନିଗ୍ଧା ଲେଙ୍କା ଙ୍କ ନେତୃତ୍ୱ ରେ ହିନ୍ଦୀ ପାଳିତ ହୋଇଯାଇଛି । ସପ୍ତାହେ ବ୍ୟାପୀ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସଂଗୀତ ଓ କବିତା ପାଠ ପ୍ରଭୃତି ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସଭା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଥିଲା । କେ. ସି.ଉଚ୍ଚ ବିଦ୍ୟାଳୟ, ପାଟଳିପୁରା ର ଶିକ୍ଷକ ଶିଶିର କୁମାର ନାୟକ ଅତିଥି ଭାବେ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ମୁକୁନ୍ଦ ସେନାପତି, ଜ୍ୟୋସ୍ନାରାଣୀ ଜେନା ପ୍ରମୁଖ ନିଜ ବକ୍ତବ୍ୟ ରେ ରାଷ୍ଟ୍ରୀୟ ଏକତା ପ୍ରତିଷ୍ଠା କରିବାରେ ହିନ୍ଦୀ ଭାଷା ର ଗୁରୁତ୍ୱ ସମ୍ପର୍କ ରେ ଆଲୋଚନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ରେ ତୃପ୍ତା ଦାସ, ରାଧୁ ସିଂ, ଶୁଭସ୍ମିତା ସାମନ୍ତରାୟ, ବିଜୟ କୁମାର ସେଠି, ଶ୍ରୀପତି ସେଠି, ବିକ୍ରମ ପାତ୍ର ଓ କାମିନୀକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଓଡ଼ିଶା ଗସ୍ତରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂ

ଭୁବନେଶ୍ୱର, ୧୫/୯ (ନି.ପ୍ର): ଓଡ଼ିଶା ଗସ୍ତରେ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂ। ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗ ଦେବେ ଅରୁଣ ସିଂ। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରତିକ୍ରିୟା ଦେଇ ଅରୁଣ ସିଂ କହିଛନ୍ତି ଯେ, ଜିଏସଟିକୁ ନେଇ ବହୁତ୍ ବଡ଼ ପରିବର୍ତ୍ତନ ହୋଇଛି। ଚାଷୀ ଏବଂ ସାଧାରଣ ଲୋକ ଏଥିରେ ସୁଫଳ ପାଇବେ। ଦଳ ନିଷ୍ପତ୍ତି ନେଇ ସମଗ୍ର ଦେଶରେ ଏନେଇ କାର୍ଯ୍ୟକ୍ରମ କରାଯିବ। ଲୋକଙ୍କୁ ଜିଏସଟି ନେଇ ସଚେତନ କରାଯିବ। ଏହା ସହ ସ୍ୱଦେଶୀ ଆତ୍ମନିର୍ଭରଶୀଳ ଭାରତ ନେଇ ମଧ୍ୟ ଘରେ ଘରେ ପ୍ରଚାର ପ୍ରସାର କରାଯିବ। ଭୋକାଲ ଫର୍ ଲୋକାଲ ମାଧ୍ୟମରେ ଲୋକ କିଭଳି ସ୍ୱଦେଶୀ ଜିନିଷ ଆପଣେଇବେ ସେନେଇ ମଧ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ।

# ଅବକାରୀ ବିଭାଗର ବଡ଼ ସଫଳତା: ୧୭ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଦୁଇ ଗିରଫ



ନୀଳଗିରି , ୧୫/୯ (ନି.ପ୍ର): ଜହର କବଜାରେ ନୀଳଗିରି । ଯୁବ ସମାଜ ଏବେ ନିଶାରେ ବଶବର୍ତ୍ତୀହୋଇ ବିପଥଗାମୀ ହେଉଥିବାବେଳେ ସୋମବାର ନୀଳଗିରି ଅବକାରୀବିଭାଗ ଦୁଇଜଣ ଧଳାଜହର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାୟୀ ବିଶେଷସୂତ୍ରରୁ ଖବରପାଇ ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅବକାରୀ ଇନ୍ସପେକ୍ଟର କେଶବଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଦିନପ୍ରାୟ ୧୦ଘଟିକା ସମୟରେ ନୀଳଗିରି ଥାନା ଔପଦା ବ୍ଲକ୍ ଅଧୀନସ୍ଥ ଅସ୍ତିଆଛକ ନିକଟରେ ଖନ୍ତାପଡ଼ା ଥାନା ଜିରିତାଳ ଗ୍ରାମର ବଂଶୀଧର ନାୟକଙ୍କ ପୁଅ ଜ୍ୟୋତିରଂଜନ ନାୟକ(୩୫) ଏବଂ ଉକ୍ତ ଗ୍ରାମର କାର୍ତ୍ତିକ ମଲ୍ଲିକଙ୍କ ପୁଅ ପ୍ରଶାନ୍ତ ମଲ୍ଲିକ(୪୨)ଙ୍କ ଠାରୁ ୧୭୦ଗ୍ରାମ ବ୍ରାଉନସୁଗାର(ହେରୋଇନ୍) ସହ ଏକ ମଟରସାଇକେଲ ଜବତ କରି ଉଭୟଙ୍କୁ କୋର୍ଟଚାଲାଣ କରିଥିଲେ। ଜବତ ହୋଇଥିବା ବ୍ରାଉନସୁଗାରର ମୂଲ୍ୟ ୧୭ଲକ୍ଷରୁ ଉର୍ଦ୍ଧ ହେବବୋଲି ବିଭାଗ ସୂଚନା ଦେଇଛି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓଆଇସି ମନୋଜ କୁମାର ସାହୁ, ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ, ନାହାନ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ।

# ନୀଳଗିରିରେ ମିଳିତ ଜନ ଶୁଣାଣୀ ଶିବିର ଅନୁଷ୍ଠିତ



ନୀଳଗିରି , ୧୫/୯ (ନି.ପ୍ର): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ତରଫରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ବେହେରାଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀ ଶିବିରରେ ନୀଳଗିରି ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଶୁଭ ଲକ୍ଷ୍ମୀ ମାଝୀ,ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା: ପ୍ରଭାତ କୁମାର ବେହେରା, ସ୍ଥାନୀୟ ଉପ-ଜିଲ୍ଲାପାଳ ଡ: ମଧୁସ୍ମିତା ସାମନ୍ତରାୟ, ବି. ଡି.ଓ. ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡା, ତହସିଲଦାର ଶ୍ରୀମତୀ ସୋନମ୍ ଦାସ ସମେତ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ନୀଳଗିରି ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୮୨ ଜଣ ଅଭିଯୋଗକାରୀ ନିଜ ନିଜର ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୭୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ରେସନ କାର୍ଡ,ବିଦ୍ୟୁତ୍ ସମସ୍ୟା, ସାମାଜିକ ସୁରକ୍ଷା, ଯୋଜନା ମହିଳାଓ ଶିଶୁ ବିକାଶ ଯୋଜନା,ପାନୀୟଜଳ, ଆଇନ ଶୃଙ୍ଖଳା ସମ୍ପର୍କିତ ହୋଇଥିବା, ବେଳେ୨ଗୋଟି ସାମୁହିକ ଏବଂ ୨ ଗୋଟି ଡାକ୍ତରୀ ଚିକିତ୍ସା ପାଇଁ ରେଡ୍ କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ ଏବଂ ୯ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।

# ପ୍ରକାଶ ମିଶ୍ରଙ୍କ ପୁସ୍ତକ ଖାକୀ ମଉଜ ଉନ୍ମୋଚିତ

ଭୁବନେଶ୍ୱର, ୧୫/୯ (ନି.ପ୍ର): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସ୍ୱରଚିତ ପୁସ୍ତକ 'ଖାକୀ ମଉଜ' ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରି ବହିଟିକୁ ପ୍ରଶଂସା କରିବା ସହ ଏହାକୁ ପ୍ରତ୍ୟେକ ଓଡ଼ିଆ ପାଠକମାନେ ପଢ଼ିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ଏଥିସହିତ ଜୀବନକୁ ମଉଜ ମନେକରିବା ଏକ କଳା ଏବଂ ଶ୍ରୀ ମିଶ୍ରଙ୍କ ପୁସ୍ତକ ସେ କଳାର ଏକ ସଫଳ ପରିପ୍ରକାଶ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶା ପୁଲିସର ପୂର୍ବତନ ମହାନିର୍ଦ୍ଦେଶକ, ପୂର୍ବତନ ସିଆରପିଏଫ ନିର୍ଦ୍ଦେଶକ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର ନିଜର ପିଲାଦିନ ଓ ଦୀର୍ଘ ଚାକିରି ଜୀବନର ବହୁ ରୋଚକ ଅନୁଭୂତିକୁ ଚଟୁଳ ବ୍ୟଙ୍ଗାତ୍ମକ ଶୈଳୀରେ "ଖାକି ମଉଜ" ପୁସ୍ତକ ମାଧ୍ୟମରେ ପରିପ୍ରକାଶ କରିଛନ୍ତି।

# ସେପ୍ଟେମ୍ବରର ୨୦ରେ ଆଦିବାସୀ କୁଡୁମୀ ସମାଜର ରେଳ ଅବରୋଧ




ବାରିପଦା, ୧୫/୯ (ନି.ପ୍ର): ୩ଘଣ୍ଟା ସମୟରେ ବାରିପଦା ଷ୍ଟାଡିଅମ ଠାରେ ଆଦିବାସୀ କୁଡୁମୀ ସମାଜ ଓ କୁଡୁମୀ ଏକତା ମଞ୍ଚ ତରଫରୁ ରାଜ୍ୟ ସଭାପତି ଶ୍ରୀଯୁକ୍ତ ମୋନଜ କୁମାର ମହାନ୍ତ ଙ୍କ ସଭାପତିତ୍ୱରେ ନିମ୍ନ ଲିଖିତ ବିଷୟ ମାନଙ୍କ ଉପରେ ଆଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ସୁଦୀର୍ଘ ୭୯ବର୍ଷ ଧରି କୁଡୁମୀ ମାନଙ୍କର ୫ଟି ଦାବିକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଥିବା ରୁ ଆସନ୍ତା ୨୦ ସପଟ୍ମେର ସକାଳ ୫ଟା ରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଭଞ୍ଜପୁର ରେଳ ଷ୍ଟେସନ ଠାରେ ରେଳ ରୋକ କାର୍ଯ୍ୟକ୍ରମ ହେବ। ସରକାରଙ୍କ ଅବହେଳା କାରଣରୁ କୁଡୁମାଲି ଭାଷା ଆଜି ପର୍ଯ୍ୟନ୍ତ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନ ପାଇ ପାରିଲା ନାହିଁ। ସଭାରେ ଆଦିବାସୀ କୁଡୁମୀ ସମାଜର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ମହାନ୍ତ,ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ସଂଜୀବ କୁମାର ମହାନ୍ତ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସ୍ନେହାଶିଷ ମହାନ୍ତ ,ଲଳିତ ରଞ୍ଜନ ମହାନ୍ତ ଓ ଉପଦେଷ୍ଟା କୃପାସିନ୍ଧୁ ମହାନ୍ତ ପ୍ରଭୃତି ସଂଖ୍ୟାଧିକ ଲୋକ ଉକ୍ତ ସଭାରେ ଯୋଗ ଦେଇଥିଲେ ଓ ଶେଷରେ ସଭାପତି ଙ୍କୁ ଧନ୍ୟବାଦ ଦେଇ ସଭାସାଂଙ୍ଗ କରାଯାଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida